

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୨ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 22 SEPTEMBER 2023

Vol.No. 35 ■ No. 250■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ୨୦୨୯ ପୂର୍ବରୁ ଲାଗୁ ହେବ ମହିଳା ସଂରକ୍ଷଣ ବିଲ୍

## ଚାହିଁଲେ ତୁରନ୍ତ ସଂଶୋଧନ ବିଲ୍ ଲାଗୁ କରିପାରିବେ କେନ୍ଦ୍ର ସରକାର: କଂଗ୍ରେସ



ନୂଆଦିଲ୍ଲୀ,୨୧/୦୯ : ନୂଆ ସଂସଦ ଭବନରେ ୫ ଦିନର ସ୍ୱତନ୍ତ୍ର ଅଧିବେଶନ କେବଳ ମହିଳା ସଂରକ୍ଷଣ ନାଁରେ ରହିଲା । ସଂସଦ ଇତିହାସରେ ପ୍ରଥମଥର ପାଇଁ ଲୋକସଭାରେ କୌଣସି ବିଲ୍ ୪୫୪ ବନାମ ୨ ବହୁମତରେ ପାରିତ ହୋଇଛି । ସଂସଦରେ ଉପସ୍ଥିତ ପ୍ରାୟ ସବୁ ଦଳର ନେତା ମହିଳା ସଂରକ୍ଷଣ ବିଲକୁ ସମର୍ଥନ କରିଥିଲେ । ଏଆଇଏମଆଇଏମର ଦୁଇଜଣ ସାଂସଦଙ୍କୁ ଛାଡ଼ିଦେଲେ ଅନ୍ୟ କେହି ବି ବିଲ୍କୁ ବିରୋଧ କରିନଥିଲେ । ବିଲ୍ ଏବେ ଆସିଥିଲେ ବି ୨୦୨୯ ପୂର୍ବରୁ ଲାଗୁ ହେବାର ସମ୍ଭାବନା ନାହିଁ । ଯାହାକୁ ନେଇ ବିଜେପିକୁ ଟାର୍ଗେଟ୍ କରିଛନ୍ତି ବିରୋଧୀ ଦଳ । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି, ବିଲରେ ସଂଶୋଧନ କରିବା ଆଦୌ କଷ୍ଟକର ନୁହେଁ, ସରକାର ଏହାକୁ ଚାହିଁଲେ ତୁରନ୍ତ ସଂଶୋଧନ କରିପାରିବେ, ପଂଚାୟତ ନିର୍ବାଚନରେ ମହିଳାଙ୍କ ସଂରକ୍ଷଣ କେବେ କରାଯିବ? , ସେଠାରେ କାହିଁକି ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ହେଉ ନାହିଁ? ସେପଟେ ଅଧା ଜନସଂଖ୍ୟାକୁ ଏକ ତୃତୀୟାଂଶ ସଂରକ୍ଷଣ ଦେବା ପାଇଁ ମୋଦି ସରକାର ନେଇଥିବା ଏହି ପଦକ୍ଷେପକୁ ବିଜେପି ମାଷ୍ଟର ଷ୍ଟ୍ରୋକ୍ ବୋଲି କହୁଥିବା ବେଳେ ଓବିସି ମହିଳାଙ୍କ ପାଇଁ ଅଲଗା ସଂରକ୍ଷଣ ବ୍ୟବସ୍ଥା ନ କରିବାକୁ ବିରୋଧ କରିଛନ୍ତି ବିରୋଧୀ । ମହିଳା ସଂରକ୍ଷଣ ବିଲ୍ ଉପରେ ଲୋକସଭାରେ ହୋଇଥିବା ଆଲୋଚନାକୁ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସମର୍ଥନ କରିବା ସହ ବିଲ୍ରେ ଜାତିଭିତିକ ଜନଗଣନା ପ୍ରସଙ୍ଗ ସହିତ ଓବିସି ସଂରକ୍ଷଣ ଦାବି ମଧ୍ୟ ଉଠାଇଥିଲେ । ▶▶ପୃଷ୍ଠା ୭

## ସ୍କୁଟିକୁ ପିଟିଦେଲା ହାଇୱା: ଝିଅ ମୃତ, ଶିକ୍ଷୟିତ୍ରୀ ଗୁରୁତର

ଗଞ୍ଜାମ, ୨୧/୦୯ (ନି.ପ୍ର): ହାଇୱା ଧକ୍କାରେ ଜଣେ ଶିକ୍ଷୟିତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କ ଝିଅର ମୃତ୍ୟୁ ହୋଇଯାଇଛି । ଘଟଣାଟି ଘଟିଛି ଗଞ୍ଜାମ ଜିଲ୍ଲା ଆସିକାର ବଡ଼ଶଙ୍ଖରେ । ମୃତ ନାବାଳିକାଙ୍କ ନାଁ ଶ୍ରଦ୍ଧାଞ୍ଜଳି (୧୧) । ତାଙ୍କ ମା'ଙ୍କ ନାଁ ଗୀତାଞ୍ଜଳି ମୋହିନୀ । ଧରକୋଟ ଥାନା ଅନ୍ତର୍ଗତ କୁଶରାବ ଗାଁର ଗୀତାଞ୍ଜଳି ଆସିକାର ଜୟପୁର ଗ୍ରାମ ସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଅଛନ୍ତି । ଆଜି ଗୀତାଞ୍ଜଳି ସ୍କୁଟି ଯୋଗେ ସ୍କୁଲ୍ ଅଭିମୁଖେ ବାହାରିଥିଲେ । ▶▶ପୃଷ୍ଠା ୭

## ୨୪ରେ ପୁରୀରୁ ରାଉରକେଲା ମଧ୍ୟରେ ଗଡ଼ିବ ବନ୍ଦେ ଭାରତ ଏକ୍ସପ୍ରେସ

ଭୁବନେଶ୍ୱର, ୨୧/୦୯ (ନି.ପ୍ର): ଆସନ୍ତା ୨୪ ତାରିଖରୁ ଓଡ଼ିଶାରେ ଚାଲିବ ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍ । ପୁରୀରୁ ରାଉଲକେଲା ମଧ୍ୟରେ ଚାଲିବ ଏହି ନୂଆ ବନ୍ଦେ ଭାରତ ଏକ୍ସପ୍ରେସ । ଦକ୍ଷିଣପୂର୍ବ ରେଳପଥ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ଏନେଇ ସୂଚନା ଦିଆଯାଇଛି । ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ସପ୍ତାହକୁ ୬ ଦିନ ଚଳାଚଳ କରିବ । ଏହା ସକାଳ ୫ଟାରୁ ପୁରୀ ଷ୍ଟେସନରୁ ଛାଡିବାକୁ ଥିବା ବେଳେ ଦିନ ୧୨ଟା ୪୫ ମିନିଟରେ ରାଉରକେଲା ଷ୍ଟେସନରେ ପହଞ୍ଚିବ । ସେହିପରି ଫେରିବା ମାର୍ଗରେ ଏହି ବନ୍ଦେ ଭାରତ ଏକ୍ସପ୍ରେସ୍ ଅପରାହ୍ନ ୨ଟା ୧୦ରେ ▶▶ପୃଷ୍ଠା ୭

## ବିଜେପି ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କୁ ହତ୍ୟା ଧମକ



ଭୁବନେଶ୍ୱର, ୨୧/୦୯ (ନି.ପ୍ର): ବିଜେପି ଜାତୀୟ ଉପସଭାପତି ତଥା ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ହତ୍ୟା ଧମକ ମିଳିଛି । ମନ୍ତ୍ରୀ ନବ ଦାସଙ୍କ ଭଳି ଅବସ୍ଥା ଜୟ ପଣ୍ଡାଙ୍କର କରାଯିବ ବୋଲି ଶ୍ରୀ ପଣ୍ଡାଙ୍କର ସହାୟକଙ୍କୁ କେହି ଜଣେ ଫୋନ୍ ମାଧ୍ୟମରେ ଧମକ ଦେଇଛି । ଏହି ଧମକପୂର୍ଣ୍ଣ କଲ୍ ଘଟଣାରେ ଦିଲ୍ଲୀ ପୁଲିସରେ ଏତଲା ରୁଜୁ ହୋଇଛି ଓ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି । ବିଜେପି ଉପସଭାପତି ଶ୍ରୀ ପଣ୍ଡାଙ୍କ କାର୍ଯ୍ୟାଳୟର ଏକଜ୍ୟୁଟିଭ ସେକ୍ରେଟେରୀ ରାଜେଶ୍ୱର ଅରୋରା ଏକ ପ୍ରେସ୍ ରିଲିଜ୍ ଜାରି କରି ଏହି ହତ୍ୟା ଧମକ ଦିଆଯାଇଥିବା ସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ବିଜେପି ଜାତୀୟ ଉପସଭାପତି ଶ୍ରୀ ପଣ୍ଡାଙ୍କ ସହାୟକଙ୍କୁ କେହି ଜଣେ କଲ୍ କରି ଏହି ଧମକ ଦେଇଛି । 'ନବ ଦାସଙ୍କ ଅବସ୍ଥା ଯାହା ହେଲା ତାହା ଜୟ ପଣ୍ଡାଙ୍କର ହେବ' ବୋଲି ଧମକ ଦେଇଛି । ଅପର ପାର୍ଶ୍ୱର ବ୍ୟକ୍ତିଜଣକ ହିନ୍ଦୀ ଭାଷାରେ ଧମକ ଦେଉଥିବା ବେଳେ ସେ କେଉଁଠିକାର ବାସିନ୍ଦା ତାହା ସ୍ପଷ୍ଟ ହୋଇ ପାରିନି । ତେବେ ଏହା ବ୍ୟକ୍ତିଗତ ଆକ୍ରୋଶ ନା ଏହା ପଛରେ ଆଉ କିଏ ଅଛି ତାହା ବି ଜଣାପଡ଼ିନି । ଓଡ଼ିଶାର କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କୁ ଚଳିତବର୍ଷ ସ୍ପଷ୍ଟ ଦିବାଲୋକରେ ହତ୍ୟା କରାଯାଇଥିଲା । ▶▶ପୃଷ୍ଠା ୭

## ଭାରତ ସରକାରଙ୍କ କଡା ନିଷ୍ପତ୍ତି: କାନାଡାବାସୀଙ୍କ ପାଇଁ ଭିସା ବ୍ୟବସ୍ଥା ବାତିଲ କଲେ ଭାରତ ସରକାର

ନୂଆଦିଲ୍ଲୀ,୨୧/୦୯ : ବଢିଚାଲିଛି ଭାରତ-କାନାଡା ବିବାଦ । ଏହାରି ଭିତରେ କାନାଡ ଉପରେ ବଡ଼ ଆକ୍ସନ ନେଇଛି ଭାରତ । ଭିସା ବ୍ୟବସ୍ଥାକୁ ସସପେଣ୍ଡ କରିବା ସହ ନାଗରିକଙ୍କ ଏଂଟ୍ରି ଉପରେ ରୋକ ଲଗାଇଛନ୍ତି ଭାରତ ସରକାର । ପ୍ରଥମେ ଉଭୟ ଦେଶ କୂଟନୀତିଜ୍ଞଙ୍କୁ ନିଲମ୍ବନ କରିବା ପରେ ଏବେ ଭାରତ କାନାଡା ନାଗରିକଙ୍କ ପାଇଁ ଭିସାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛି । ଅର୍ଥାତ୍ କାନାଡାରୁ ଭାରତକୁ ଆସିଥିବା



କାନାଡା ନାଗରିକଙ୍କୁ ଏବେ ଭାରତର ଭିସା ଅନିର୍ଦ୍ଦିଷ୍ଟ କାଳ ପାଇଁ ମିଳିପାରିବ ନାହିଁ । ଏନେଇ ବିଏଲଏସ ଇଂଟର ନ୍ୟାସନାଲ ୱେବସାଇଟ୍ ଜରିଆରେ ନୋଟିସ ଜାରି କରି ସୂଚନା ଦିଆଯାଇଛି । ▶▶ପୃଷ୍ଠା ୭

## ସୌମ୍ୟ ରଞ୍ଜନ ପଟ୍ଟନାୟକ ଓ ସୁଧାଂଶୁ ପରିଡ଼ା ବିଜେଡିରୁ ବହିଷ୍କୃତ



ଭୁବନେଶ୍ୱର, ୨୧/୦୯ (ନି.ପ୍ର): ଜଣେ ନୁହେଁ, ଦୁଇ ଜଣ ବିଧାୟକଙ୍କୁ ବିଜେଡିରୁ ବହିଷ୍କୃତ କଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଓ ରେମୁଣା ବିଧାୟକ ସୁଧାଂଶୁ ପରିଡ଼ାଙ୍କୁ ଦଳରୁ ବିଦା କରାଯାଇଛି । ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ସେମାନଙ୍କୁ ବହିଷ୍କାର କରାଯାଇଛି । ଏନେଇ ଘୋଷଣା କରିଛନ୍ତି ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହାସହ ବିଜେଡି ପକ୍ଷରୁ ଏକ ପ୍ରେସ ରିଲିଜ୍ ଜାରି କରାଯାଇଛି । ଯେଉଁ ପ୍ରେସ୍ ରିଲିଜ୍ ଉଲ୍ଲେଖ କରାଯାଇଛି ଯେ 'ସମ୍ବାଦ' ଲୋନ୍ ସ୍କାମ୍ ନେଇ ସୌମ୍ୟଙ୍କୁ ବହିଷ୍କାର କରାଯାଇଛି । ଲୋନ୍ ସ୍କାମ୍ ନେଇ ଇଓଡବ୍ଲୁରେ ସୌମ୍ୟଙ୍କ ନାଁରେ ଅଭିଯୋଗ ହୋଇଛି । ଅନେକ ପୂର୍ବତନ କର୍ମଚାରୀ ଏନେଇ ଅଭିଯୋଗ କରିଛନ୍ତି । ୩ ଶହରୁ ଅଧିକ କର୍ମଚାରୀଙ୍କ ନାଁରେ ଲୋନ୍ ଉଠାଯାଇଛି । ଜାଲ୍ ଡକ୍ୟୁମେଣ୍ଟ ଯୋଗେ କୋଟି କୋଟି ଟଙ୍କା ଉଠାଯାଇଛି । ଲୋନ୍ ଉଠାଇବା ପାଇଁ ଏହା ଏକ ସଂଗଠିତ ବ୍ୟାଙ୍କ୍ ଫ୍ରଡ୍ ବୋଲି ପ୍ରେସ ରିଲିଜରେ ଉଲ୍ଲେଖ ରହିଛି । ସେହିପରି ବିଧାୟକ ସୁଧାଂଶୁ ପରିଡ଼ାଙ୍କୁ ବହିଷ୍କାର ନେଇ କାରଣ ଦର୍ଶାଇଛି ବିଜେଡି । ସବ୍ସିଡି ସ୍କାମ୍ ମାମଲାରେ ସୁଧାଂଶୁଙ୍କୁ ବହିଷ୍କାର କରାଯାଇଥିବା ପ୍ରେସ ରିଲିଜରେ ଦର୍ଶାଯାଇଛି । ସୁଧାଂଶୁ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସବ୍ସିଡି ହଡ଼ପ କରିଛନ୍ତି । ସୁଧାଂଶୁଙ୍କ ପରିଚାଳନାଧୀନ କଂପାନୀ ୩ କୋଟି ହଡ଼ପ କରିଛି । ଲୋକପାଳଙ୍କ ନିର୍ଦ୍ଦେଶରେ ଭିଜିଲାନ୍ସ ମାମଲାର ତଦନ୍ତ କରୁଛି । ସେପଟ୍ମ୍ବର ୧୨ ତାରିଖରେ ସୌମ୍ୟଙ୍କୁ ବିଜେଡି ଦଳର ଉପସଭାପତି ପଦରୁ ବହିଷ୍କାର କରାଯାଇଥିଲା । ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଦୁଇ ଧାଡ଼ିଆ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା । ସେଥିରେ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କୁ ଉପସଭାପତି ପଦରୁ ହଟାଇ ଦିଆଯାଇଥିବା ଉଲ୍ଲେଖ କରାଯାଇଥିଲା । ସୌମ୍ୟ ଗତ କିଛି ଦିନ ହେବ ଆମଘରର ହାଲଚାଲରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନଙ୍କୁ ସମାଲୋଚନା କରିଥିଲେ । ଏହା ସହିତ ନବୀନଙ୍କ କାର୍ଯ୍ୟକଳାପ ଉପରେ ମଧ୍ୟ ଅଙ୍ଗୁଳି ଉଠାଇଥିଲେ । ଯାହା ସୌମ୍ୟଙ୍କୁ ମହଙ୍ଗା ପଡ଼ିଛି । ▶▶ପୃଷ୍ଠା ୭

## ସୁଦାମଙ୍କୁ ମିଳିଲା ରାଜସ୍ୱ ବିଭାଗର ଅତିରିକ୍ତ ଦାୟିତ୍ୱ



ଭୁବନେଶ୍ୱର, ୨୧/୦୯ (ନି.ପ୍ର): ପ୍ରମିଳା ମଲ୍ଲିକ ଆଜି ରାଜସ୍ୱ ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ବାଚସ୍ପତି ପାଇଁ ନାମାଙ୍କନ ଭରିଛନ୍ତି । ଫଳରେ ଖାଲି ଥିବା ରାଜସ୍ୱ ବିଭାଗର ଦାୟିତ୍ୱ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଦିଆଯାଇଛି । ସୁଦାମ ମାରାଣ୍ଡିଙ୍କୁ ▶▶ପୃଷ୍ଠା ୭

## ବାଚସ୍ପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କଲେ ପ୍ରମିଳା ମଲ୍ଲିକ

ଭୁବନେଶ୍ୱର, ୨୧/୦୯ (ନି.ପ୍ର): ବାଚସ୍ପତି ପଦ ପାଇଁ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି ପ୍ରମିଳା ମଲ୍ଲିକ । ବିଧାନସଭା ସଚିବଙ୍କ ନିକଟରେ ସେ ନାମାଙ୍କନ ଭରିଛନ୍ତି । ପ୍ରମିଳା ମଲ୍ଲିକଙ୍କ ପ୍ରାର୍ଥିପତ୍ର ଦାଖଲ କରିବା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସ୍ତାବକ ଓ ମନ୍ତ୍ରୀ ନୀରଂଜନ ପୂଜାରୀ ସମର୍ଥକ ରହିଥିଲେ । ▶▶ପୃଷ୍ଠା ୭



## ଆଜିଠୁ ବିଧାନସଭାର ମୌସୁମୀ ଅଧିବେଶନ: ସରଗରମ ହେବ ଗୃହ

ଭୁବନେଶ୍ୱର, ୨୧/୦୯ (ନି.ପ୍ର): ସାଧାରଣ ନିର୍ବାଚନ ଆଉ ମାତ୍ର ୬ମାସ ବାକି ଥିବାବେଳେ ଆସନ୍ତାକାଲିଠୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେଉଛି । ଅକ୍ଟୋବର ୪ତାରିଖ ପର୍ଯ୍ୟନ୍ତ ବସିବାକୁ ଥିବା ଏହି ଅଧିବେଶନ ବେଶ୍ ସରଗରମ ହେବ ବୋଲି ଆଶଙ୍କା କରାଯାଉଛି । ମୌସୁମୀ ଅଧିବେଶନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ସୂଚନା ଅନୁସାରେ, ଆସନ୍ତାକାଲି ନୂଆ ବାଚସ୍ପତି ନିର୍ବାଚନ ସହ ଗୃହରେ ଦିବଂଗତ ସଦସ୍ୟଙ୍କ ପାଇଁ ଶୋକ ପ୍ରସ୍ତାବ ଆସିବାର କାର୍ଯ୍ୟକ୍ରମ ରହିଛି । ଦ୍ୱିତୀୟାର୍ଦ୍ଧରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ । ଆଜି ବିଧାନସଭା ବାଚସ୍ପତି ପଦ ପାଇଁ ବିଜେଡିର ▶▶ପୃଷ୍ଠା ୭



## ମହିଳା ସଂରକ୍ଷଣ ବିଲ୍କୁ ସମର୍ଥନ ପାଇଁ ହ୍ୱିପ ଜାରି କଲା ବିଜେଡି



ଭୁବନେଶ୍ୱର, ୨୧/୦୯ (ନି.ପ୍ର): ମହିଳା ସଂରକ୍ଷଣ ବିଲ୍ ଉପରେ ଆଜି ରାଜ୍ୟସଭାରେ ହେବ ଆଲୋଚନା । ତେବେ ବିଲ୍କୁ ସମର୍ଥନ କରିବା ପାଇଁ ବିଜେଡି ନିଜ ରାଜ୍ୟସଭା ସାଂସଦଙ୍କ ଉପରେ ହ୍ୱିପ୍ ଜାରି କରିଛି । ସମସ୍ତ ସାଂସଦ ଗୃହରେ ଉପସ୍ଥିତ ରହିବାକୁ ହ୍ୱିପ୍ ଜରିଆରେ କୁହାଯାଇଛି । ବିଜେଡି ନିଜ ରାଜ୍ୟସଭା ସଦସ୍ୟଙ୍କ ପାଇଁ ୩ ଲାଇନର ହ୍ୱିପ୍ ଜାରି କରିଛି । ଗତକାଲି ଲମ୍ବା ବିତର୍କ ପରେ ଲୋକସଭାରେ ପାରିତ ହୋଇଛି ଐତିହାସିକ ମହିଳା ସଂରକ୍ଷଣ ବିଲ୍ । ନାରୀ ଶକ୍ତି ବନ୍ଦନ ଅଧିନିୟମ ନାଁରେ ଆଗତ ଐତିହାସିକ ବିଲ୍ ସପକ୍ଷରେ ୪୫୪ ଭୋଟ୍ ମିଳିବା ପରେ ଏହାକୁ ଲୋକସଭାରେ ଅନୁମୋଦନ ମିଳିଛି । ଏହି ବିଲ୍ ଆଇନରେ ପରିଣତ ହେଲେ ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ନିଶ୍ଚିତ ହେବ । ବହୁ ଚର୍ଚ୍ଚିତ ମହିଳା ସଂରକ୍ଷଣ ବିଲ୍କୁ ସଂସଦର ଚଳିତ ସ୍ୱତନ୍ତ୍ର ଅଧିବେଶନର ଦ୍ୱିତୀୟ ଦିନରେ ଉପସ୍ଥାପନ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଗତକାଲି ଏହି ବିଲ୍ ଉପରେ ଦୀର୍ଘ ୭ ଘଣ୍ଟାରୁ ଅଧିକ ସମୟ ବିତର୍କ ହେବା ପରେ ଲୋକସଭାରେ ପାରିତ ହୋଇଥିଲା । । ବିଲ୍ ସପକ୍ଷରେ ୪୫୪ ଭୋଟ୍ ପଡ଼ିଥିବା ବେଳେ ବିପକ୍ଷରେ ମାତ୍ର ୨ଟି ଭୋଟ୍ ପଡ଼ିଥିଲା । ଏହି ବିଲ୍ ପାରିତ ହେବା ପରେ ଭାରତ ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ି ହୋଇଯାଇଛି । ବିଲ୍କୁ ନେଇ ଆଲୋଚନା ବେଳେ ଏହା ରାଜନୈତିକ ମୁଦ୍ଦା ନୁହେଁ, ବରଂ ଦେଶର ମହିଳାଙ୍କ ପାଇଁ ସମ୍ମାନର ପ୍ରସଙ୍ଗ ବୋଲି କହିଥିଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ।

## ଆଜି ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷିବ: ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୧/୦୯ (ନି.ପ୍ର): ଲଘୁଚାପ ପ୍ରଭାବରେ ରାଜ୍ୟରେ ଲାଗି ରହିଛି ପ୍ରବଳ ବର୍ଷା । ଆଜି ପଶ୍ଚିମ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏ ନେଇ ୭ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂଜାରି ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ସେହି ଜିଲ୍ଲା ଗୁଡ଼ିକ ହେଲା ନୂଆପଡ଼ା, ବଲାଙ୍ଗିର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼ ଏବଂ ସୁନ୍ଦରଗଡ଼ । ଏସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟି ମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେହିପରି ପ୍ରବଳ ବର୍ଷା ନେଇ ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂଜାରି ହୋଇଛି । ସେହି ଜିଲ୍ଲା ଗୁଡ଼ିକ ହେଲା ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ▶▶ପୃଷ୍ଠା ୭

# ଆଜିଠୁ ଦୀର୍ଘ ୬ ଦିନ ବୌଦ୍ଧ ସମବାୟ ବ୍ୟାଙ୍କ ଗ୍ରାହକଙ୍କୁ ମିଳିବନି ସେବା

କନ୍ଧମାଳ , ୨୧/୦୯ (ନି.ପ୍ର): ସେପ୍ଟେମ୍ବର ମାସ ୨୨ ତାରିଖ, ଅର୍ଥାତ୍ ଶୁକ୍ରବାର ଠାରୁ ଦିର୍ଘ ୬ ଦିନ ଧରି କନ୍ଧମାଳ ଓ ବୌଦ୍ଧ ଜିଲ୍ଲା ରେ ଥିବା ବୌଦ୍ଧ ସମବାୟ ବ୍ୟାଙ୍କର ଶାଖା ଗୁଡିକରେ ଏହାର ଗ୍ରାହକ ମାନଙ୍କୁ ସେବା ପ୍ରଦାନ ବନ୍ଦ ରହିବ। ଏହି ସୁଚନା ବୌଦ୍ଧ ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ସଭାପତି ଖିରୋଦ କୁମାର ମିଶ୍ର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ଥିବା ୧୭ ଗୋଟି କେନ୍ଦ୍ର ସମବାୟ ର କର୍ମଚାରୀ ମାନେ ଚଳିତ ମାସ ୨୫,୨୬ ଏବଂ ୨୭ ତାରିଖରେ ଅଲ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘ ର କାର୍ଯ୍ୟ ବନ୍ଦ ଆନ୍ଦୋଳନ ରେ ସାମିଲ ହେବାକୁ ନିଷ୍ପତି, ରାଜ୍ୟ ସଂଘ ପକ୍ଷରୁ ନିଆଯାଇଛି। ସମବାୟ ବ୍ୟାଙ୍କ ସରକାରଙ୍କ ର ସମସ୍ତ ଜନହିତକାରୀ ଆର୍ଥିକଯୋଜନା କାର୍ଯ୍ୟକାରୀ କରିବା ସହିତ ରାଜ୍ୟର ୭୦ ଭାଗ କୃଷି ପରିବାରକୁ କୃଷି ଋଣ ପ୍ରଦାନ କରନ୍ତି। କର୍ମଚାରୀ ମାନଙ୍କ ର ନିରବଚ୍ଛିନ୍ନ ପରିଶ୍ରମ ଫଳରେ ସମସ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ୍ ବହୁ ଲାଭରେ ଚାଲିଆସୁଅଛି ।ଏହି ଲାଭାଂଶ ରୁ କୋଟି କୋଟି ଟଙ୍କା ଇନକମ୍ ଟ୍ୟାକ୍ସ ଦେଉଥିଲା ବେଳେ ସେମାନଙ୍କର ସପ୍ତମ ବେତନ ୧.୧.୧୬ରୁ ଦେବାକୁ ଦାବୀ ହେଇ ଆସୁଥିଲେ ମଧ , ତାହା କୁ କାର୍ଯ୍ୟ କାରି କରିବାକୁ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଓ ସମବାୟ ନିବନ୍ଧକଙ୍କ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ସେହିପରି ଯେଁଉ କର୍ମଚାରୀ ମାନେ ସେପ୍ଟେମ୍ବର୍ ୨୦୧୪ ପରେ ଚାକିରୀ କରିଛନ୍ତି ସେମାନେ ଭବିଷ୍ୟନିଧି ରୁ ପେନସନ ପାଇବେ ନାହିଁ।ତେଣୁ ସେମାନଙ୍କ ପାଇଁ ଏକ ପେନସନ ଫଣ୍ଡ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି କରିଆସୁଥିଲେ ମଧ ସମବାୟ ନିବନ୍ଧକ ଏହା କାର୍ଯ୍ୟକାରି କରୁନଥିବାରୁ କର୍ମଚାରୀଙ୍କ ଅବସର ପରବର୍ତ୍ତୀ ସାମାଜିକ ସୁରକ୍ଷା ଉପରେ ପ୍ରଶ୍ନ ବାଚି ସୃଷ୍ଟି କରୁଅଛି। ଏଥି ସହିତ ସରକାର ଙ୍କ ଦ୍ୱାରା ଅନୁମୋଦିତ ଚାକିରି ସର୍ତ୍ତାବଳୀ କୁ ଉଲଘଂନ କ୍ୟାଡର ଫଣ୍ଡକୁ ଯେଉଁ ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ତାହା କାର୍ଯ୍ୟକାରୀ କରାଗଲେ ସମସ୍ତ ବ୍ୟାଙ୍କ୍ କ୍ଷତି କରିବେ ଓ ଯାହା ଫଳରେ ବ୍ୟାଙ୍କ୍ ଭବିଷ୍ୟତରେ ତାର ଲାଇସେନ୍ସ ହରାଇବ । ବ୍ୟାଙ୍କ୍ ସହିତ ସହବନ୍ଧିତ ସମସ୍ତ ସେବା ସମବାୟ ସମିତି ତାହାର ସଞ୍ଚୟ ଜମାଖାତ ରାଜ୍ୟ ସମବାୟ ବ୍ୟାଙ୍କ୍ ରେ ଖୋଲିବାକୁ,ସରକାର ଏକ ନିର୍ଦ୍ଦେଶ ଦେଇଛନ୍ତି। ଯାହାଦ୍ୱାରା ବ୍ୟାଙ୍କଗୁଡିକ ବହୁ ଅସୁବିଧାର ସମ୍ମୁଖୀନ ହେବ। ଏହି ଦାବୀ ଓ ବ୍ୟାଙ୍କ ସମସ୍ୟା ର ଆଶୁ ସମାଧାନ କରିବା ପାଇଁ, ସଂଘ ସରକାରଙ୍କୁ ଅନୁରୋଧ କରିଥଲେ ମଧ ଏ ଯାବତ୍ କିଛି ସୁଫଳ ମିଳୁନାହିଁ । ଏଠାରେ ସୂଚନା ଯୋଗ୍ୟ ଯେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତିଙ୍କ ଅଧକ୍ଷତାରେ ସମସ୍ତ ବ୍ୟାଙ୍କ ସଭାପତି ଓ ମହାସଂଘର ପ୍ରତିନିଧିଙ୍କ ଉପସ୍ଥିତିରେ ଭୁବନେଶ୍ୱର ସ୍ଥିତ ରାଜ୍ଯ ସମବାୟ ବ୍ୟାଙ୍କ ଠାରେ ଏ ନେଇ ଆଲୋଚନା ହୋଇଥିଲା। ନିବନ୍ଧକ ସମବାୟ ସମିତି ତଥା ପରିଚାଳନା ନିର୍ଦ୍ଦେଶକ ରାଜ୍ୟ ସମବାୟ ବ୍ୟାଙ୍କ, ସଂଘର ଦାବିଗୁଡିକ ବାବଦରେ କିଛି ସକାରାତ୍ମକ ପଦକ୍ଷେପ ଆସନ୍ତା ୧୫ ଦିନ ମଧ୍ୟରେ ନେବେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏ ଯାବତ୍ ଏହି ବାବଦରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଯୋଗୁଁ, ସେପ୍ଟେମ୍ବର ୨୨ ତାରିଖ ଦିନ ସମସ୍ତ କର୍ମଚାରୀ ସାମୁହିକ ଛୁଟିରେ ଯିବେ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି । ଏହି ଆନ୍ଦୋଳନ ରେ ବୌଦ୍ଧ ସମବାୟ କେନ୍ଦ୍ର ବ୍ଯାଙ୍କ କର୍ମଚାରୀ ମାନେ ମଧ ସାମିଲ ହେବା ନେଇ ସଂଘର ସଭାପତି ଖିରୋଦ କୁମାର ମିଶ୍ର ଓ ସାଧାରଣ ସମ୍ପାଦକ ସୌମ୍ୟଜିତ ନାୟକ ସୂଚନା ଦେଇଛନ୍ତି ।ତେବେ ବ୍ଯାଙ୍କ କର୍ମଚାରୀ ଓ ନିବନ୍ଧକ ସମବାୟ ସମିତି ଓ ପରିଚାଳନା ନିର୍ଦ୍ଦେଶକ ରାଜ୍ୟ ସମବାୟ ବ୍ୟାଙ୍କର ଟଣା ଓଟରା ଭିତରେ ବ୍ଯାଙ୍କ ଗୁଡିକର ଗ୍ରାହକ ମାନେ ଆସନ୍ତା ୬ ଦିନ ଧରି, ଆବଶ୍ୟକ ସ୍ଥଳେ ବ୍ଯାଙ୍କ ସେବା ପାଇବାରୁ ବଞ୍ଚିତ ହେବେ ବୋଲି କନ୍ଧମାଳ ଜିଲ୍ଲା ରେ ଥିବା ବୌଦ୍ଧ ସମବାୟ ବ୍ୟାଙ୍କ ର ୬ ଟି ଶାଖା ଓ ବୌଦ୍ଧ ଜିଲ୍ଲା ର ୫ ଟି ଶାଖା ସମେତ ସମୁଦାୟ ୧୧ ଟି ଶାଖାର ପ୍ରାୟ ୧୬୫ ଜଣ କର୍ମଚାରୀ ୨୨ ତାରିଖ ଠାରୁ, ସାମୁହିକ ଛୁଟିରେ ଏବଂ ୨୫ ତାରିଖ ଠାରୁ ୩ ଦିନ ଧରି ଆନ୍ଦୋଳନ ରେ ସାମିଲ ହେବେ ଏହା ମଧ୍ୟରେ ଶନିବାର ଓ ରବିବାର ଛୁଟି ଥିବା ଯୋଗୁଁ ୬ ଦିନ ବନ୍ଦ ରହିବ।

# ଜୟପୁରର ଦଶହରା ନେଇ ପ୍ରସ୍ତୁତି ବୈଠକ

ଜୟପୁର, ୨୧/୦୯ (ନି.ପ୍ର): ଜୟପୁର ଦଶହରା ଶାନ୍ତି ଶୃଙ୍ଖଳାରେ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ପୌର ସଭାଗୃହରେ ପୁଜା କମିଟିର ସଭାପତି ତଥା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସଭାପତିତ୍ୱରେ ବୈଠକ ଆୟୋଜନ ହୋଇଥିବା ବେଳେ ଆବାହକ ତଥା ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା ଓ ତହସିଲଦାର ସାଗରିକା ଷଡଙ୍ଗୀଙ୍କ ଉପସ୍ଥିତ ରହି ଦଶହରାର ପାଳନ ଉପରେ ଆଲୋଚନା କରିଥିଲେ । ପାରମ୍ପାରିକ ରିତି ନିତି ଆନୁଯାଇ ଦେବୀଙ୍କ ପ୍ରିତିକ ଲାଠି ଆସିବ । ଅଧିଷ୍ଠାତ୍ରୀ ମା ଭଗବତୀ ଙ୍କ ବିଜୟା ଭ୍ରମଣ ଅକ୍ଟୋବର ୧୫ ତାରିଖ ରୁ ଆରମ୍ଭ ହୋଇ ୨୧ ତାରିଖ ଯାଏ ଚାଲିବା । ଷଷ୍ଠି ତିଥି ଠାରୁ ଦଶମି ଯାଏଁ ବିଭିନ୍ନ ସ୍ଥାନ ରୁ ଆସିଥିବା ଓ ଜୟପୁରର କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବା ସହ ଦଶମୀ ତଥା ଦଶହରାରେ ରାବଣ ପୋଡି କାର୍ଯ୍ୟକ୍ରମ ରାତ୍ର ୯ଟା ସୁଦ୍ଧା ଶେଷ କରିବାକୁ ସ୍ଥିର କରାଯାଇଛି । ୨୪ ତାରିଖ ଦଶହରା ଦିନ ରାବଣ ପୋଡି ସହ ୪ଟି ବିମାନ ଦଶହରା ପଡିଆରେ ଅପରାଜିତା ପୁଜାରେ ସାମିଲ ହୋଇ ପୁଜା ସାରି ମନ୍ଦିରକୁ ଫେରିବେ । ମାଁ ଙ୍କ ମୃଣୟ ମୁର୍ତୀଙ୍କ ଗ୍ରୀନ ଟ୍ରିବୁନାଲ ନିଦ୍ଦେଶ ମୁତାବକ ବିସର୍ଜନ କରାଯିବା ନେଇ ସ୍ଥିର ହୋଇଛି । ଅକ୍ଟୋବର ୬ ତାରିଖ ଶୁକ୍ରବାର ମୁଳାଷ୍ଟମୀ ହେବା ସହ ଲାଠି ଧାରିଙ୍କୁ ନିମନ୍ତ୍ରଣ ଯିବ ଓ ୨୪ ତାରିଖ ଠିକ ସମୟରେ ଦଶହରା ପଡିଆରେ ଅପରାଜିତା ପୁଜା ଶେଷ କରିବାକୁ ବିଧାୟକ ନିଦ୍ଦେଷ ଦେଲେ । ସହର ସାରା ଆଲୋକ ମାଳାରେ ସଜ୍ଜିତ କରିବାକୁ ସ୍ଥିର କରାଯାଇଛି । ବିଦ୍ୟୁତ ସରବାରହା ବନ୍ଦ ନକରିବା, ସହରରେ ଦଶହରା ସମୟରେ ଦୁଇଥର ପାନୀୟ ଜଳ ଯୋଗାଇବା, ପରିମଳ ବ୍ୟବସ୍ଥା ଗ୍ରାମ ଦେବି ଓ ଲାଠି ଧାରି ଙ୍କୁ ନିମନ୍ତ୍ରଣ ଆଦି ଆଲୋଚନା କରାଯାଇଥିଲା । ବିଭିନ୍ନ ଗ୍ରାମ୍ୟ ଦେବୀ ପୀଠରୁ ନିମନ୍ତ୍ରଣ ଲାଠି ସହ ଆସିଥିବା ଭକ୍ତଙ୍କ ରହିବା, ଖାଇବା ବିଷୟ ରେ ଆଲୋଚନା କରାଯାଇଥିଲା । ସହରରେ ବସୁଥିବା ମେଢ ମାଁଙ୍କ ମୃଣୟ ମୁର୍ତିଙ୍କ ଗ୍ରୀନ ଟ୍ରିବୁନାଲ ନିଦ୍ଦେଶ ମୁତାବକ ବସର୍ଜନ କରାଯିବା ନେଇ ଆଲୋଚନା କରାଯାଇଥିଲା । ଏହି ବୈଠକରେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌର ଅପାଧକ୍ଷ ବି. ସୁନିତା, ପୌର କାର୍ଯ୍ୟ ନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ଟାଉନ ଥାନା ଅଧିକାରି ସତ୍ୟା ନନ୍ଦ ପାତ୍ର, ଏସଡିପିଆରଓ ଦାୟିତ୍ୱରେ ଥିବା ଏବିଡିଓ ମନୋଜ ନାୟକ ସହ ସମସ୍ତ ବିଭାଗର ଅଧିକାରି ମାନେ ଉପସ୍ଥିତ ଥିଲେ ।

# ୬ ବର୍ଷରେ ବି ଶେଷ ହେଲାନି ନିର୍ମାଣ କାର୍ଯ୍ୟ: ଅଧପନ୍ତରିଆ ରଜିଆ କଲ୍ୟାଣ ମଣ୍ଡପ

ଚମ୍ପୁଆ, ୨୧/୦୯ (ନି.ପ୍ର): ୬ ବର୍ଷ ବିତିଗଲା ୬ କନିଷ୍ଠ ଯନ୍ତ୍ରୀ ବି ଚାଲିଗଲେଣି, ହେଲେ ସମ୍ପୂର୍ଣ୍ଣ ହୋଇ ପାରିଲାନି ୩୫ ଲକ୍ଷ ଟଙ୍କା ଅଟକଳରେ ନିର୍ମିତ କଲ୍ୟାଣ ମଣ୍ଡପ । ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଂଚାୟତ ମୁଖ୍ୟାଳୟ ନିକଟରେ ନିର୍ମାଣ କରାଯାଉଥିବା କଲ୍ୟାଣ ମଣ୍ଡପ ନିର୍ମାଣର ୬ ବର୍ଷ ବିତି ଯାଇଥିଲେ ମଧ ସାରିବାର ନାଁ ଧରୁ ନାହିଁ । ପଂଚାୟତବାସୀଙ୍କ ବିବାହ, ବ୍ରତ ସହିତ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟରେ ସୁବିଧା ଯୋଗାଇଦେବା ଲକ୍ଷ ନେଇ ଆର୍ଥିକ ବର୍ଷ ୨୦୧୭ - ୨୦୧୮ ରେ ପଂଚଦସ ଅର୍ଥ କମିଶନ ର ୩୫ ଲକ୍ଷ ଅଟକଳରେ ଏହି କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଥିଲେହେଁ ଇତି ମଧ୍ୟରେ ୬ ଜଣ କନିଷ୍ଠ ଯନ୍ତ୍ରୀ ବଦଳି ହୋଇ ସାରିଲେଣି ତଥାପି ଏହି କଲ୍ୟାଣ ମଣ୍ଡପର ଏପର୍ଯ୍ୟନ୍ତ ଛାତ ବି ପଡି ପାରିନାହିଁ । ଯାହା କି ଚମ୍ପୁଆ ବ୍ଲକର କାର୍ଯ୍ୟ ଦକ୍ଷତା ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅଧପନ୍ତରିଆ ଭାବେ ପଡି ରହିଥିବା ଏହି ଅସମ୍ପୂର୍ଣ୍ଣ କଲ୍ୟାଣ ମଣ୍ଡପରେ ଅସାମାଜିକ ଲୋକଙ୍କ ଆଡା ଜମୁଥିବାବେଳେ ଏହି କଲ୍ୟାଣ ମଣ୍ଡପର କାର୍ଯ୍ୟ ଶେଷ ହେବାକୁ ନେଇ ବିଭାଗ ପାଖରେ ମଧ ଉତ୍ତର ନାହିଁ । କଲ୍ୟାଣ ମଣ୍ଡପର ଛାତ ପଡି ନ ଥିବାରୁ ଖରା, ବର୍ଷା ଖାଇ ତାର କାନ୍ଥ ଗୁଡିକ ନଷ୍ଟ ହେବାକୁ ବସି ଥିବାବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଅପାରଗତା ପାଇଁ କାର୍ଯ୍ୟ ଆଗେଇ ପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ଏହାକୁ ନେଇ ଗ୍ରାମରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ଆଗକୁ ଏହି କଲ୍ୟାଣ ମଣ୍ଡପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ କି ନାହିଁ ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି । ତେବେ ଏ ନେଇ ରଜିଆ ସରପଂଚ ସନ୍ତୋଷ ନାଏକଙ୍କୁ ପଚାରିବାରୁ ଖୁବ ଶୀଘ୍ର କାର୍ଯ୍ୟ ଶେଷ ହେବ ବୋଲି ସଫେଇ ଦେଇଛନ୍ତି ।

# ୬ ଜଣିଆ ଲୁଟେରା ଗ୍ୟାଙ୍ଗକୁ କାବୁ କଲା ପୋଲିସ

ଗଞ୍ଜାମ, ୨୧/୦୯ (ନି.ପ୍ର): ବ୍ରହ୍ମପୁର ଭି. ମାର୍ଟ ମଲ୍ ରୁ ଗତକାଲି ସଂନ୍ଧ୍ୟାରେ ଜଣେ ମହିଳା ଗ୍ରାହକଙ୍କ ମନି ପର୍ସ ଏବଂ ମୋବାଇଲ୍ ଚୋରି ହୋଇଥିବା ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଏକ ବାହାର ରାଜ୍ୟର ୬ ଜଣିଆ ଗ୍ୟାଙ୍ଗ କୁ କାବୁ କରିଥିବା ଜଣାପଡିଛି । ସେମାନେ ହେଲେ କେରଳର ଆକାଶ ପି. ଶିବା (୨୨), ଶରତ ଏମ.ଏସ. (୨୩), ଜିଥିନ ଏମ.ଏସ. (୨୨), ମହେଶ (୨୧), ଅଜିତ ପି. (୨୭) ଏବଂ ହରିହରନ୍ ପି. (୨୮) । ପୋଲିସର ସୂଚନା ମୁତାବକ, ଏ ସମସ୍ତ ଅଭିଯୁକ୍ତ ଗତ ୧୬ ତାରିଖରେ କେରଳରୁ ବ୍ରହ୍ମପୁର ଆସିଥିଲେ । ଏକ ଲଜ୍ ରେ ରୁମ୍ ଭଡ଼ା ନେଇ ଏମାନେ ରହିଥିଲେ । ଗତକାଲି ସେମାନଙ୍କ ମଧ୍ୟରୁ ୪ ଜଣ ମଲ୍ ଭିତରେ ପଶି ଚୋରି କରୁଥିବା ବେଳେ ବାହାରେ ଅନ୍ୟ ଦୁଇ ଜଣ ସେମାନଙ୍କୁ ଅପେକ୍ଷା କରିଥିଲେ । ଚୋରି ହୋଇଥିବା ମନିପର୍ସରେ ୯୩୦୦ ଟଙ୍କା ଥିଲା । ପର୍ସ ସହ ଟଙ୍କା ଏବଂ ମୋବାଇଲ୍ କୁ ପୋଲିସ ଜବତ କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

# ପାଣିକୋଇଲି ପୁଲିସର ସଫଳତା: ଚାଳକ ଓ ମାଲ ସହ ଚୋରି ଆଇଚର ଉଦ୍ଧାର

କୋରେଇ, ୨୧/୦୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ସଠିପୁର ମଧ୍ୟରେ ଗତ ୧୭ ତାରିଖ ଏକ ଦାମି ଜିନିଷ ବୋଝେଇ ସହ ଆଇଚର ଟ୍ରକ ଚୋରି ହୋଇଥିଲା । ବହୁ ଖୋଜା ଖୋଜି ପରେ ଏହା ନମିଳିବାରୁ ଥାନାରେ ଅଭିଯୋଗ କରାଯାଇଥିଲା । ଏନେଇ ଟ୍ରକ ମାଲିକ ଭଦ୍ରକ ଟାଉନଥାନା ଆଚାର୍ଯ୍ୟନଗର ଅଂଚଳର ନୃସିଂହ ଚରଣ ବେହେରାଙ୍କ ପୁଅ ଶୁଭକାନ୍ତ ବେହେରା (ଓଡ଼ି ୦୫ଏଏଚ ୧୬୩୮) ଟ୍ରକ ଚୋରି ହେବା ନେଇ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୁଲିସ ଏକ ମାମଲା ୨୫୮/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଯାଜପୁର ଆରକ୍ଷୀ ଅଧିକ୍ଷକ ଭିନିତ୍ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ ତଦନ୍ତ ଆରମ୍ଭ କରିଥିଲା । ଫଳରେ ଗାଡି ସହ ପ୍ରାୟ ୬୩ ଲକ୍ଷ ଟଙ୍କା ସମାଗ୍ରୀ ଜବତ କରିବା ସହ ଟ୍ରକ ଓ ଚାଳକଙ୍କୁ ଧରିବାରେ ସକ୍ଷମ ହୋଇଥିଲା । ଏହି ଘଟଣାର ମୁଖ୍ୟ ନାୟକ ସାଜିଥିଲା ନିଜେ ଚାଳକ କଟକ ଜିଲ୍ଲା ଅନ୍ତର୍ଗତ ମାହାଙ୍ଗା ଥାନା ଆନ୍ଦପୁର ଗ୍ରାମର ମହେଶ୍ୱର ପରିଡାଙ୍କ ପୁଅ ସୁକାନ୍ତ କୁମାର ପରିଡା । ଚାଳକ ଦ୍ୱାରା ସବୁ କାମ କରାଯାଇଥିଲା । ଆସାମ ଗୌହାଟିରୁ ଖୋର୍ଦ୍ଧାକୁ ପ୍ରାୟ ୩୭ ଲକ୍ଷ ଟଙ୍କାର ଡାବର କମ୍ପାନୀର ସାମଗ୍ରୀ ନେଇ ଆସୁଥିବା ଟ୍ରକ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ସଠିପୁର ପଥପ୍ରାନ୍ତ ମଝିରେ ରଖି ଚାଳକ ଜିପିଏସ ବନ୍ଦ କରିବା ସହ ନିଜ ମୋବାଇଲକୁ ସୁଇଚ ଅପ କରିଥିଲା । ପରବର୍ତ୍ତୀ ଅବସ୍ଥାରେ ଟ୍ରକଟିକୁ ନେଇ ଛତିଆ ମନ୍ଦିର ଦେଇ ମାହାଙ୍ଗାରେ ପହଂଚିଥିଲା । ସେଠାରେ ଏକ ଭଡା ଘରେ ମାଲ ଖଲାସ କରିବା ପରେ ଟ୍ରକଟିକୁ ନେଇ ଡୁବୁରୀ ନିକଟରେ ରଖିଥିଲା । ପୁଲିସ ତଦନ୍ତ ଚଳାଇ ଘଟଣାସ୍ଥଳେ ପହଂଚିବାରେ ସକ୍ଷମ ହୋଇଥିଲା । ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ, ତଦନ୍ତାଧିକାରୀ ସବଇନ୍ସପେକ୍ଟର ପ୍ରକାଶ କୁମାର ପ୍ରଧାନ, ଏଏସଆଇ ସୁଜିତ କୁମାର ମଲ୍ଲିକ ସଦଳବଳେ ଏହି ଚଢାଉରେ ସାମିଲ ଥିଲେ । ମାହାଙ୍ଗାରୁ ପ୍ରାୟ ସମସ୍ତ ସାମଗ୍ରୀ ଜବତ କରିବା ପରେ ଚାଳକକୁ ମଧ୍ୟ ଧରି ଆଣିଥିଲେ । ପରେ ଡୁବୁରୀରୁ ଉକ୍ତ ଟ୍ରକ ଟିକୁ ଜବତ କରିବାରେ ସକ୍ଷମ ହୋଇଥିଲେ । ଏନେଇ ଆଜି ଅପରାହ୍ନରେ ପାଣିକୋଇଲି ଥାନାରେ ଅନୁଷ୍ଠିତ ସମ୍ବାଦିକ ସମ୍ମିଳନୀରେ ଏସଡିପିଓ ସଂଜୟ କୁମାର ପଟ୍ଟନାୟକ ସୂଚନା ଦେଇଥିଲେ । ପରେ ଚାଳକ ସୁକାନ୍ତଙ୍କୁ ୪୦୭ ଆଇପିସି ଦଫାରେ ଅଦାଲତ ଚାଲାଣ କରାଯାଇଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି ।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମପକ୍ଷ ଅବସରରେ ବିଜେପି ପକ୍ଷରୁ ରକ୍ତଦାନ ଶିବିର

ବଡ଼ବିଲ, ୨୧/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୭୪ ତମ ଜନ୍ମପକ୍ଷ ଅବସରରେ ରକ୍ତଦାନ ଶିବିରର ଆୟୋଜନ ହୋଇଯାଇଛି । ପ୍ରତି ବର୍ଷ ପରି ଚଳିତ ବର୍ଷ ବିଜେପି ଚମ୍ପୁଆ ବିଧାନସଭା ତରଫରୁ ଗୁରୁବାର ସକାଳ ୧୦ଟା ସମୟରେ ବଡ଼ବିଲ ବିକାଶ ମହଲ ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଧାନସଭା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୁରଲୀ ଶର୍ମାଙ୍କ ନେତୃତ୍ୱରେ ହୋଇଥିବା ଏହି ରକ୍ତଦାନ ଶିବିରରେ ମୋଟ ୯୨ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ବର୍ଷା ପାଗ ସତ୍ତ୍ୱେ ସକାଳୁ ଦଳୀୟ କାର୍ଯ୍ୟକର୍ତ୍ତାମାନେ ରକ୍ତଦାନ କରିବା ପାଇଁ ଉତ୍ସାହିତ ଥିବାର ଦେଖିବାକୁ ମିଳିଥିଲା । ଯୁବମୋର୍ଚ୍ଚାର ଆୟୋଜନରେ ଚମ୍ପୁଆ ବିଧାନସଭାର ବିଭିନ୍ନ ମଣ୍ଡଳରୁ କାର୍ଯ୍ୟକର୍ତ୍ତାମାନେ ଆସିଥିଲେ । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦେଶ ପ୍ରତି ନିଷ୍ଠା ଓ ବଳିଷ୍ଠ ନେତୃତ୍ୱ କୁ ସମ୍ମାନ ଜଣାଇ କାର୍ଯ୍ୟକର୍ତ୍ତା ମାନେ ରକ୍ତଦାନ କରିବାକୁ ଆଗେଇ ଆସିଥିବାରୁ ମୁଁ ତାଙ୍କୁ ଧନ୍ୟବାଦ ଦେଉଛି ବୋଲି ବିଧାନସଭା ନେତା ମୁରଲୀ ଶର୍ମା କହିଛନ୍ତି । ଜିଲ୍ଲା ଉପସଭାପତି ତଥା ବିଧାନସଭା ସଂଯୋଜକ ଦେବ ପ୍ରସାଦ ମିଶ୍ର,ଯୁବମୋର୍ଚ୍ଚା ରାଜ୍ୟ ସ୍ୱତନ୍ତ୍ର ନିମନ୍ତିତ ସଦସ୍ୟ ପ୍ରକାଶ ମଲ୍ଲିକ,ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରଦ୍ଧାଞ୍ଜଳି କର,ରାଜ୍ୟ ଆଦିବାସୀ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ପୁରୁଷୋତ୍ତମ ଗାଗରାଇ,ଓବିସି ମୋର୍ଚ୍ଚା ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଚର୍ଚ୍ଚିଲ ମହାକୁଡ଼ ମହିଳା ନେତ୍ରୀ ଝରଣା ମହାନ୍ତ ବଡ଼ବିଲ ମଣ୍ଡଳ ସାଧାରଣ ସମ୍ପାଦକ ସୁନୀଲ ଦାସ, ଶ୍ରୀନିବାସ କୋନାର ଭଦ୍ରାସାହି ମଣ୍ଡଳ ସଭାପତି ସତ୍ୟବ୍ରତ ଜେନା ,ଯୋଡ଼ା ମଣ୍ଡଳ ସଭାପତି ସୁଶାନ୍ତ ବେବର୍ତ୍ତା, ବିଲେଇପଦା ମଣ୍ଡଳ ସଭାପତି ଅଲେଖ କୁମାର ବାରିକ ବଡ଼ବିଲ କାଉନସିଲର ଧର୍ମେନ୍ଦ୍ର ମହାନ୍ତ, ବଡ଼ବିଲ ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନିତା ଭୌମିକ, ଯୁବମୋର୍ଚ୍ଚା ସଭାପତି ପରମଜୀତ ସିଂ ବିଜେନ୍ଦ୍ର ମୁଣ୍ଡା ପ୍ରମୁଖ ଏହି ରକ୍ତଦାନ ଶିବିର କୁ ପରିଚାଳନା କରିଥିଲେ ।

# ଅଗ୍ରସେନ୍ ଜୟନ୍ତୀ ଅବସରରେ ନିମନ୍ତ୍ରଣ ପତ୍ରିକା ଉନ୍ମୋଚିତ

ସମ୍ବଲପୁର, ୨୧/୦୯ (ନି.ପ୍ର): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇର ଶୁଭ ଅବସରରେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଅଗ୍ରସେନ୍ ଜୟନ୍ତୀ ଉତ୍ସବ ସମିତିର ଏକ ବୈଠକ ଆୟୋଜିତ ହୋଇଯାଇଛି। ବଡ଼ବଜାରସ୍ଥିତ ଶ୍ରୀ ଆଗ୍ରସେନ୍ ଭବନରେ ଆଗ୍ରସେନ୍ ଜୟନ୍ତୀ ଉତ୍ସବ ସମିତିର ଅଧକ୍ଷ ନନ୍ଦଲାଲ ଗୋଏଙ୍କାଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଆସନ୍ତା ଅକ୍ଟୋବର ୧୫ ତାରିଖରେ ସାରା ଦେଶରେ ହର୍ଷୋଲ୍ଲାସର ସହିତ ପାଳନ ହେବାକୁ ଥିବା ଅଗ୍ରସେନ୍ ଜୟନ୍ତୀ ଉତ୍ସବକୁ ସମ୍ବଲପୁରରେ ଧୁମଧାମରେ ଆୟୋଜନର ପ୍ରସ୍ତୁତି ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଉକ୍ତ ଉତ୍ସବ ପାଇଁ ଉତ୍ସବ କମିଟି ପକ୍ଷରୁ କାହାଣୀକାର ଭାଗବତ ମର୍ମଜ ପୂଜ୍ୟ ବିକାଶ ଚନ୍ଦ୍ର ଶାସ୍ତ୍ରୀ ଜୀଙ୍କ କରକମଳରେ ନିମନ୍ତ୍ରଣ ପତ୍ର ଉନ୍ମୋଚିତ ହୋଇଯାଇଛି। ଏଥିରେ ସାଧାରଣ ସଚିବ ଅରୁଣ କୁମାର ଅଜାଡ଼ିୱାଲ, ସାନ୍ତୋଶ ଅଗ୍ରୱାଲ ପ୍ରମୁଖ ମଂଚାସୀନ ଥିବା ବେଳେ ଉତ୍କଳପ୍ରଦେଶ ମାରୱାଡ଼ି ସମ୍ମିଳନୀ, ମାରୱାଡ଼ି ମହିଳା ସମିତି, ମାରୱାଡ଼ି ଯୁବା ମଂଚ, ଅଗ୍ରୱାଲ ସମ୍ମିଳନୀ, ମହିଳା ସମିତି, ବଡ଼ବାଜାର ମାରୱାଡ଼ି ଯୁବ ସଙ୍ଗଠନ ତଥା ସମାଜର ବିଭିନ୍ନ ସଂଗଠନର ସଦସ୍ଯମାନେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମହାରାଜା ଆଗ୍ରସେନ୍ ଜୀଙ୍କର ପୂଜା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।

# କିରିଆମ୍ବା ସଂରକ୍ଷିତ ଜଙ୍ଗଲରେ ହାତୀପଲ, ଚିନ୍ତାରେ ଚାଷୀ

ଗଞ୍ଜାମ, ୨୧/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବନାଚଂଳ ଅନ୍ତର୍ଗତ କିରିଆମ୍ବା ସଂରକ୍ଷିତ ଜଙ୍ଗଲରେ ହାତୀପଲଙ୍କ ଉତ୍ପାତ ଦେଖିବାକୁ ମିଳିଛି । ଏହି ପଲରେ ଛୋଟବଡ ହୋଇ ୨୧ଟି ହାତୀ ରହିଛନ୍ତି । ଏମାନଙ୍କ ଗତିବିଧି ଚାଷୀ ଏବଂ ବନ ବିଭାଗ ଅଧିକାରୀଙ୍କ ଚିନ୍ତା ବଢାଇଛି । କିଛିଦିନ ତଳେ ସୀମାନ୍ତ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଜଙ୍ଗଲରୁ ୧୩ ଟିକିଆ ହାତୀପଲ ଆସି ବୁଗୁଡ଼ା ବନାଚଂଳ ପଂଚଭୂତି ଜଙ୍ଗଲରେ ପ୍ରବେଶ କରିଥିଲେ । ଆଖପାଖ ଅଂଚଳରେ ଧାନତଲି ଓ ମକା ଫସଲ ନଷ୍ଟ କରି କିରିଆମ୍ବା ଜଙ୍ଗଲକୁ ପଳାଇଥିଲେ । ଦୁଇ ଦିନ ପୂର୍ବେ ଖୋର୍ଦ୍ଧା ଡିଭିଜନ୍ ଅନ୍ତର୍ଗତ ବାଲୁଗାଁ ଜଙ୍ଗଲରୁ ୮ଟିକିଆ ହାତୀପଲ ଆସିଛନ୍ତି । ଫଳରେ ହାତୀ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି । ଏହି ହାତୀ ପଲରେ ୫ଟି ଦନ୍ତା, ୬ଟି ମାଈ ଏବଂ ୧୦ଟି ଛୁଆ ହାତୀ ରହିଛନ୍ତି । ଫଳରେ ଆଖପାଖ ଅଂଚଳର ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି । ବନାଚଂଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର କହିଛନ୍ତି ଯେ, ହାତୀପଲଙ୍କ ଗତିବିଧି ଉପରେ ନଜର ରଖାଯାଇଛି । ଏବଂ ଜଙ୍ଗଲ ଭିତରକୁ ଲୋକମାନେ ନଯିବାକୁ ସତର୍କ କରାଯାଇଛି । ଏହାସହ ହାତୀପଲକୁ ଜଙ୍ଗଲକୁ ଘଉଡାଇବା ପାଇଁ ବନ କର୍ମଚାରୀ ନିୟୋଜିତ ଅଛନ୍ତି ।

# ଭାରତୀ ବିଦ୍ୟା ମନ୍ଦିରରେ ବିଜ୍ଞାନ ଓ ଚିତ୍ରକଳା ପ୍ରଦର୍ଶନୀ

କେନ୍ଦ୍ରାପଡ଼ା, ୨୧/୦୯ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ର ଭାରତୀବିଦ୍ୟା ମନ୍ଦିର ପରିସରରେ ବିଜ୍ଞାନ ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ପୌର ଅଧ୍ୟକ୍ଷା ଶ୍ରୀମତୀ ସରିତା ସାହୁ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟ ର ୧୪୦ ଜଣ ଛାତ୍ରଛାତ୍ରୀଙ୍କ ଦ୍ୱାରା ୧୨୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଚିତ୍ରକଳା ପ୍ରଦର୍ଶନୀରେ ୧୫୦ଟି ଚିତ୍ର ସ୍ଥାନ ପାଇଥିଲା । ଭାଗିରଥୀ ମହାନ୍ତି, ପ୍ରଶାନ୍ତ କୁମାର ଦାସ, ରଘୁନାଥ ଦାସ, ପ୍ରଦିପ କୁମାର ରାଉତ, ମନୋଜ କୁମାର ଶତପଥୀ, ରଞ୍ଜନ କୁମାର ଦାସ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ହିମାଂଶୁ ଶେଖର ଦାସ ପ୍ରମୁଖ ଉକ୍ତ ପ୍ରଦର୍ଶନୀରେ ବିଚାରକ ଭାବେ ଯୋଗ ଦେଇଥିଲେ । ସେହିଭଳି ବିଜ୍ଞାନ ପ୍ରଦର୍ଶନୀରେ ବିଦ୍ୟାଳୟର ସଭାପତି ଅଶ୍ୱିନୀ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ବିଜୟିନୀ ଦାସ ସଭା ପରିଚାଳନା କରିଥିବା ବେଳେ, ଶରତ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ସଂପାଦକ ଶାନ୍ତି ସ୍ୱରୂପ ଭୂୟାଁ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ବିଜ୍ଞାନ ପ୍ରକଳ୍ପ ଓ ଚିତ୍ରକଳା ପ୍ରଦର୍ଶନୀ ଅତି ଉଚ୍ଚ କୋଟିର ବୋଲି ମତବ୍ୟକ୍ତ କରିଥିଲେ । କେନ୍ଦ୍ରାପଡା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ସଭାପତି ଗୁରୁ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶର ବିକାଶରେ ବିଜ୍ଞାନର ଭୂମିକା ସଂପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇ ଏଥିରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ରମାକାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂଆଁଖାଇ ଉପଲକ୍ଷେ ସାଥି ଚାରିଟେବଲ ଟ୍ରଷ୍ଟର ସହାୟତା

ସମ୍ବଲପୁର, ୨୧/୦୯ (ନି.ପ୍ର): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ ୨ ବୈଦିଆପଡ଼ାର ବୁଢ଼ୀମାଁ କୁଇଲି ବିଲୁଙ୍ଗ(୮୦) ଓ ତାଙ୍କ ପୁଅ ରାଜେଶ ବିଲୁଙ୍ଗ(୫୨) ଦିନମଜୁରିଆ ଭାବେ କାର୍ଯ୍ଯକରି ଗତ ଦୀର୍ଘ ୪୦ ବର୍ଷ ଧରି ଝଡ଼ ବର୍ଷା ଖରା ଶୀତରେ ଏକ ଝୁମ୍ପୁଡ଼ି ଘରେ ରହି ଆସୁଥିଲେ। ନିଜ ମାଁ ପାଇଁ ରାଜେଶ ନିଜ ସ୍ତ୍ରୀକୁ ମଧ ଛାଡି ଦେଇ ମାତାଙ୍କ ସେବା କରିଆସୁଥିଲେ। ଆଜି ପର୍ଯ୍ୟନ୍ତ ତାଙ୍କୁ ନା କୌଣସି ସରକାରୀ ସହାୟତା ନା କୌଣସି ସାଂସଦ ବା ବିଧାୟକଙ୍କ ସହାୟତା ମିଳିଥିଲା। ରାଜେଶଙ୍କ ମାତା ଦୀର୍ଘ ଦିନ ଧରି ଏକ ରୋଗରେ ମଧ ପୀଡିତ ଅଛନ୍ତି। ଏହା ଦେଖି ସମାଜସେବୀ ପିଙ୍କୁ ସିଂ ଓ ଗ୍ରାମ ବାସୀ ସାଥି ଚେରିଟେବଲ ଟ୍ରଷ୍ଟର ସଭାପତି ତଥା ପୂର୍ବତନ ସମ୍ବଲପୁର ଉପାଧକ୍ଷ ସିଦ୍ଧାର୍ଥ ସାହା(ସିନ୍ଧୁ)ଙ୍କ ପାଖକୁ ଯାଇ ଗ୍ରାମର ଓ ଅସହାୟ ପରିବାରଙ୍କ ଅସୁବିଧା ଜଣାଇ ଥିଲେ। ଏହି ଖବର ପାଇ ସମାଜସେବୀ ତଥା ପୂର୍ବତନ ଉପାଧକ୍ଷ ସିଦ୍ଧାର୍ଥ ସାହା ସାଥି ଚାରିଟେବଲ ଟ୍ରଷ୍ଟ ଜରିଆରେ ସହାୟତାର ହାତ ବଢ଼ାଇ ଘର ତିଆରି ପାଇଁ ଆର୍ଥିକ ସହଯୋଗ ଯୋଗାଇ ଦେଇଥିଲେ। ଏହାର ମାତ୍ର ୧୫ ରୁ ୨୦ ଦିନ ମଧ୍ୟରେ ଏକ ସୁନ୍ଦର ଘର ତିଆରି କରି ଆଜି ଉଭୟ ମାଁ ପୁଅଙ୍କ ନୂତନ ଗୃହକୁ ପ୍ରବେଶ କରାଇଛନ୍ତି। କଳାମାଟି ସରପଞ୍ଚ ଡ. ସୁଷମା ସାହୁ ଫିତା କାଟି ଗୃହ ପ୍ରବେଶ କରାଇଥିଲେ। ଏହାସହ ସେମାନଙ୍କୁ କିଛି ଆର୍ଥିକ ସାହାଯ୍ୟ ମଧ କରାଯାଇଥିଲା। ଆଗକୁ ତାଙ୍କ ପରିବାରଙ୍କୁ କିଭଳି ସମସ୍ତ ପ୍ରକାର ସରକାରୀ ସବୁ। ମିଳିପାରିବ ଏନେଇ ଜିଲ୍ଲାପାଳଙ୍କୁ ଜଣାଇବେ ବୋଲି ମଧ୍ଯ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଏହି ଅବସରରେ କିଛି ବର୍ଷ ତଳେ ଏକ ଦୁର୍ଘଟଣାରେ ଉଭୟ ଗୋଡ଼ ହରାଇଥିବା ଗ୍ରାମର ଚୈତନ୍ୟ କୁମ୍ଭାରଙ୍କୁ ମଧ୍ଯ ଟ୍ରଷ୍ଟ ପକ୍ଷରୁ ସହାୟତା ଯୋଗାଇ ଦେଇ ସମସ୍ତଙ୍କ ମୁହଁରେ ଏକ ହସ ଫୁଟାଇବାର ପ୍ରୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ତରଫରୁ ଭଗତ ସିଂ, ଆଦି ନନ୍ଦ, ସୁଜିତ ଡାକୁଆ, ପିଙ୍କୁ ସିଂ, ବିକି ସିଂ, କିସାନ ସିଂ, ଭୁରୁ ସିଂ, ରିଙ୍କୁ, ପୂଜା ସିଂ, ଜିତୁ ନନ୍ଦ, ଶନ୍ନି, ବାସୁଦେବ ଲୁହାଙ୍କ ସମେତ ବହୁ ସଂଖ୍ଯାରେ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ଦାବି ଶୁଣିଲେ ସରକାର

କନ୍ଧମାଳ, ୨୧/୦୯ (ନି.ପ୍ର): ସ୍ଥଗିତ ରହିଲା ରାଜ୍ୟ ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ସାମୁହିକ ଛୁଟି ଓ ତିନି ଦିନିଆ ଆନ୍ଦୋଳନ। ଆଜି, ରାଜ୍ୟ ଅତିରିକ୍ତ ନିବନ୍ଧକ, ରାଜ୍ୟ ସମବାୟ ସମିତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସମବାୟ ସମିତି ଓ ବ୍ଯାଙ୍କ କର୍ମଚାରୀ ମାନେ ଏକ ଜାନୁଆରୀ ୨୦୧୬ ଠାରୁ ପିଛିଲାରୁ ୭ମ ବେତନ କମିଶନର ଦରମା ପ୍ରଦାନ କରାଯିବ ବୋଲି ସୁଚନା ଦେଇଛନ୍ତି ଅତିରିକ୍ତ ନିବନ୍ଧକ। ଏହି ଆଲୋଚନା ବେଳେ ସେ କହିଛନ୍ତି କି ନାବାର୍ଡ ସହିତ ହୋଇଥିବା ଆଲୋଚନା ଅନୁସାରେ ଆସନ୍ତା ଅକ୍ଟୋବର ମାସ ପ୍ରଥମ ସପ୍ତାହ ସୁଦ୍ଧା ସମବାୟ କର୍ମଚାରୀ ମାନଙ୍କୁ ଏହା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ତେବେ ୨୨ ତାରିଖ, ଦିନ ଉପୋରୋକ୍ତ ଦାବିରେ ରାଜ୍ୟ ର ସମସ୍ତ ସମବାୟ ସମିତି ଓ ବ୍ଯାଙ୍କ କର୍ମଚାରୀ ମାନେ ସାମୁହିକ ଛୁଟିରେ ଯିବା ସହିତ ୨୫ ତାରିଖ ଠାରୁ ୩ ଦିନ ଧରି ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତେବେ ଆଜିର ଏହି ବୈଠକ ପରେ ରାଜ୍ୟ ସମବାୟ ସଂଘ ଫେଡେରେସନ ପକ୍ଷରୁ ହେବାକୁ ଥିବା ଆନ୍ଦୋଳନ କୁ ସ୍ଥଗିତ ରଖାଯାଇଛି। ଆଜିର ଏହି ବୈଠକରେ ରାଜ୍ୟ ସମବାୟ ସମିତି କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ପ୍ରବୋଧ କୁମାର ମିଶ୍ର ଓ ରାଜ୍ୟ ସମବାୟ ବ୍ୟାଙ୍କ ଫେଡେରେସନ ର ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି ଯୋଗ ଦେଇଥିଲେ। ଏହି ନିଷ୍ପତ୍ତି ପରେ ବୌଦ୍ଧ ଜିଲ୍ଲା ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ସଭାପତି ଖିରୋଦ କୁମାର ମିଶ୍ର ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି।

# ଆଜିଠୁ ସମୂହ ଛୁଟିରେ ଯିବେ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀ

ଗଞ୍ଜାମ, ୨୧/୦୯ (ନି.ପ୍ର): ୪ ଦଫା ଦାବି ନେଇ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘର ଡାକରାରେ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀ ସଂଘର ସଦସ୍ୟ ମାନେ ଆସନ୍ତାକାଲି ଠାରୁ ସମୂହ ଛୁଟିରେ ଯିବାକୁ ନିଷ୍ପତି ନେଇଛନ୍ତି । ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀଙ୍କୁ ଗତ ୨୦୧୬ ଜାନୁଆରୀ ପହିଲାରୁ ସପ୍ତମ ବେତନ କମିଶନଙ୍କ ବକେୟା ଅର୍ଥ ପ୍ରଦାନ, ୨୦୧୪ ସେପ୍ଟେମ୍ବର ପହିଲା ପରେ କାର୍ଯ୍ୟରେ ଯୋଗ ଦେଇଥିବା କର୍ମଚାରୀଙ୍କ ପାଇଁ ପେନସନ୍ କର୍ପସ ଫଣ୍ଡ ଗଠନ, କ୍ୟାଡର ଫଣ୍ଡ କୁ କେନ୍ଦ୍ର ସମବାୟ ବ୍ୟାଙ୍କର ଅଂଶଧନ ପ୍ରଦାନ ଉପରେ ପୁର୍ନବିଚାର କରିବା, ପ୍ରାଥମିକ ସେବା ସମବାୟ ସମିତି ମାନଙ୍କର ଫ୍ଲେକ୍ସି ଆକାଉଂଟ ରାଜ୍ୟ ସମବାୟ ବ୍ୟାଙ୍କରେ ଖୋଲିବା ଆଦେଶ ପ୍ରତ୍ୟାହାର ଆଦି ଦାବି ନେଇ ସଂଘ ପକ୍ଷରୁ ବହୁବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ନମିଳିବାରୁ ସଂଘ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେଇଛି ।

# ଛେଳିମଳ ବ୍ୟବସାୟ



ବିଶ୍ୱର ବବିଭିନ୍ନ ପ୍ରାନ୍ତରେ ବିଚିତ୍ର ତଥା ଅଜବଧରଣର ବ୍ୟବସାୟ ଚାଲିଛି। ମନୁଷ୍ୟ ଚିନ୍ତାଧାରା ଯେ ସୀମାହୀନ, ତାହା କେତୋଟି ବିଚିତ୍ର କଥାରୁ ପ୍ରମାଣିତ ହୋଇଛି। ଦକ୍ଷିଣ-ପଶ୍ଚିମ ମରକକୋ ଓ ଆଲଜେରିଆର କେତୋଟି ଅଂଚଳରେ ପାଳିତ ଛେଳିଙ୍କ ପାଳନ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଏଠାକାର ଏକ ଅଜବ ଦୃଶ୍ୟ ହେଲା ଯେ ଛେଳିଗୁଡ଼ିକ ଗଛ ଉପରକୁ ଚଢ଼ି ପତ୍ର ତଥା ଫଳ ଖାଇଥାନ୍ତି। ଏକ ବିଶେଷ ପ୍ରଜାତିର ବୃକ୍ଷ ଉପରେ ଛେଳିଙ୍କ ଭିଡ଼ ଅଧିକ ଦେଖିବାକୁ ମିଳେ। ଛେଳି ଏହି ଗଛର ପତ୍ର ଓ ଫଳକୁ ଖାଇ ସଫା କରିଦିଅନ୍ତି, ହେଲେ ଏହାର ମଞ୍ଜିକୁ ସେମାନେ ହଜମ କରିପାରୁ ନଥିବାରୁ ତାହା ମଳରେ ହିଁ ବାହାରିଥାଏ। ସ୍ଥାନୀୟ ବାସିନ୍ଦା ଏହି ମଳରୁ ମଂଜିକୁ ସଂଗ୍ରହ କରିଥାନ୍ତି। ଏହି ମଂଜିକୁ ହାଲକା ଭଜାଯାଇ ଏଥିରେ ଏକ ବିଶେଷ ତେଲ ବାହାର କରାଯାଏ। ଏହି ତେଲ ସୌନ୍ଦର୍ଯ୍ୟବର୍ଦ୍ଧକ ପ୍ରସାଧନ ସାମଗ୍ରୀ ତିଆରିରେ ବ୍ୟବହୃତ ହୋଇଥାଏ। ଏହି ତେଲ ୧ ଲିଟର ମୂଲ୍ୟ ୭୦ହଜାର ଟଙ୍କା ବୋଲି ଜଣାପଡ଼ିଛି। ଏବେ ସେଠାକାର ଲୋକେ ଅଧିକ ଛେଳି ପାଳନ କରିବା ସହ ଛେଳି ମଳ ସଂଗ୍ରହ କରିବାରେ ଆଦୌ ହେଳା କରୁନାହାନ୍ତି। ତେବେ ହାତରେ ଫଳରୁ ଏହି ମଞ୍ଜି ସଂଗ୍ରହ କରିବା ଖୁବ କାଠିକର ପାଠ ଅଟେ। ସେଥିପାଇଁ ଛେଳିର ସହାୟତା ନିଆଯାଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# କ୍ଷୀର୍ ସହ ଏହି ସବୁ ଖାଦ୍ୟ ଖାଉଥିଲେ ହୋଇଯାଆନ୍ତୁ ସାବଧାନ




ଯଦି କୌଣସି ପାନୀୟ ଏକାସାଥୀରେ ମାଂସପେଶୀ, ହାଡ଼ ଏବଂ ମସ୍ତିଷ୍କକୁ ସୁସ୍ଥ ରଖିପାରେ ତ ତାହା ହେଉଛି ଖିର। ଏହା ଅତ୍ୟନ୍ତ ପୁଷ୍ଟିକର, ଯାହା ସବୁ ବୟସର ଲୋକଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହେଲେ ମନେରଖନ୍ତୁ, ଖୀର ଶରୀର ପାଇଁ ଉପକାରୀ ହେଲେ ବି ଏହାକୁ ସୀମା ମଧ୍ୟରେ ପିଇବା ଭଲ। ତେବେ ଏପରି କିଛି ଜିନିଷ ଅଛି ଯାହାକୁ ଖିର ସହ ମିଶାଇକି ଖାଇଲେ ଶରୀର ଉପରେ କୁପ୍ରଭାବ ପଡ଼େ। ପ୍ରତିଦିନ କ୍ଷୀର ପିଇଲେ ଆପଣ ପ୍ରୋଟିନ୍, କ୍ୟାଲସିୟମ୍, ଭିଟାମିନ୍ ବି୧୨, ଭିଟାମିନ୍ ବି୨, ପଟାସିୟମ୍, ଫସଫରସ୍, ଭିଟାମିନ୍ ଏ ଏବଂ ଭିଟାମିନ୍ ଡି ପାଇପାରିବେ। ଏହା ଆପଣଙ୍କ ହାଡ ଏବଂ ମାଂସପେଶୀକୁ ମଜବୁତ୍ କରାଇଥାଏ। ତେଣୁ ଖିରକୁ ପିଲାମାନଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ଖାଦ୍ୟ ଭାବରେ ବିବେଚନା କରାଯାଏ। ଲୋକମାନେ ଜଳଖିଆରେ ଖୀର ସହିତ ଅନେକ ଫଳ ଖାଇଥାନ୍ତି। ବାସ୍ତବରେ, ଫଳ ସହିତ ଫଳ ଖାଇବା ଅନୁଚିତ। ବିଶେଷକରି ଲେମ୍ବୁ ଏବଂ କମଳା ପରି ଖଟା ଫଳ କେବେବି ଖିର ସହିତ ଖାଇବା ଉଚିତ୍ ନୁହେଁ। ଏହାକୁ ଏକାଠି ଖାଇଲେ ପେଟରେ ଏସିଡ୍ ବଢ଼ିଯାଏ ଏବଂ ଭଲ ହଜମ ହୁଏନାହିଁ। ଏହା ଗ୍ୟାସ, ପେଟ ଯନ୍ତ୍ରଣା, ପେଟ ଫୁଲିବା, ହୃଦଘାତର କାରଣ ହୋଇପାରେ। ଖୀର ଖାଇସାରି ଖଟାଜାତୀୟ ଖାଦ୍ୟ ଖାଇଲେ ତାହା ପେଟରେ ଛିଣ୍ଡିଯାଏ। ଅଧିକାଂଶ ଲୋକ ଖିର ସହ କଦଳୀ ଖାଇବାକୁ ଖୁବ୍ ଭଲପାଆନ୍ତି। କିନ୍ତୁ ଆୟୁର୍ବେଦ ଏହି ମିଶ୍ରଣକୁ ସବୁ ସମୟରେ ଉଚିତ ମଣେ ନାହିଁ। ବେଳେ ବେଳେ ଖିର, କଦଳୀ ମିଶାଇକି ଖାଇବା ଦ୍ୱାରା କଫ ହୋଇ ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରିପାରେ। ଯଦି ଆପଣ କ୍ଷୀର ସହିତ ଫାଇବରଯୁକ୍ତ ଜିନିଷ ଖାଉଛନ୍ତି ତେବେ ସାବଧାନ ରୁହନ୍ତୁ।

# ଆପଣ କଫି ପିଇବାର ଅଭ୍ୟାସ ରଖିଛନ୍ତି କି ?: ଚା'ଠାରୁ କିନ୍ତୁ ଚା' ଭଲ

ଭାରତୀୟ ମାନେ ପ୍ରାୟତଃ ଚା ପିଇବାର ଅଭ୍ୟାସ ରଖିଥାନ୍ତି। ମାତ୍ର ଜାଣିରଖନ୍ତୁ ଯେ କଫି ପିଇବା ଚା'ଠାରୁ ବି ବେଶି ଭଲ ହୋଇଥାଏ। କଫିକୁ ନେଇ ନିକଟରେ ହୋଇଥିବା ଗୁଡ଼ାଏ ଗବେଷଣାରୁ ତା'ର ଅନେକ ସୁଗୁଣ ଥିବା ଦେଖିବାକୁ ମିଳିଛି। କଫି ବିଶ୍ୱର ଦ୍ୱିତୀୟ ଲୋକପ୍ରିୟ ପାନୀୟ। ଚାହା ତୁଳନାରେ କଫିରୁ ଦୁଇ ଗୁଣ ଶକ୍ତି ମିଳେ। ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ କ୍ଲୋରୋନିକ କିଡନୀ ଡିଜିଜ (ସିକେଡି) ରୋଗୀ ଯଦି ଅଧିକ ମାତ୍ରାରେ କଫି ପିଉଥିବେ ତେବେ ବଢ଼ିପାରିବ ସେମାନଙ୍କ ଜୀବନକାଳ। ଅଧିକ କଫି ନ ପିଉଥିବା ଲୋକଙ୍କ ପାଖରେ ୨୪ ପ୍ରତିଶତ ମୃତ୍ୟୁର ଆଶଙ୍କା ରହିଥିବା ବେଳେ, କଫି ପିଉଥିବା ଲୋକଙ୍କଠାରେ ୧୨ରୁ ୨୨ ପ୍ରତିଶତ କମ ଆଶଙ୍କା ରହିଥାଏ। ଏକ ଗବେଷଣା ଫଳାଫଳ ଅନୁଯାୟୀ କଫି, ଅନେକଙ୍କ ପାଇଁ ଏକ ଉପାଦେୟ ପାନୀୟ। କେତେକଙ୍କ କ୍ଷେତ୍ରରେ ଏହା ସ୍ମୃତି ଶକ୍ତି ବଢ଼ାଇବାରେ ସହାୟକ ହୁଏ। ପୁଣି, କେତେକ ଅଲ୍‌ଝାଇମର୍ସ ରୋଗୀଙ୍କ କ୍ଷେତ୍ରରେ ଔଷଧ ଭଳି କାର୍ଯ୍ୟ କରେ। ସ୍ମୃତିଶକ୍ତି ହ୍ରାସ ଜନିତ ସମସ୍ୟାରୁ ଏହା ମଣିଷକୁ ବଞ୍ଚାଇପାରେ। କଫି ପିଇବା ଦ୍ୱାରା କର୍କଟ ରୋଗ ହେବାର ସମ୍ଭାବନା କମ୍ ରହିଥାଏ। ମହିଳାଙ୍କ କ୍ଷେତ୍ରରେ ୨୫ ପ୍ରତିଶତ ଓ ପୁରୁଷଙ୍କ କ୍ଷେତ୍ରରେ ୨୦ ପ୍ରତିଶତ କର୍କଟ ସମ୍ଭାବନା ହ୍ରାସ ପାଇଥାଏ। ମସ୍ତିଷ୍କ ପାଇଁ ମଧ କଫି ଖୁବ୍ ଉପକାରୀ। କଫି ପିଇବା ଦ୍ୱାରା ମାନସିକ ରୋଗର ସମ୍ଭାବନା କମ୍ ରହିଥାଏ।



# ପିଲାଙ୍କୁ ମନାଇବେ କିପରି



ଛୋଟ ପିଲାଙ୍କୁ କିଛି ବି ବୁଝାଇବା ମା'ମାନଙ୍କ ପାଇଁ କଣଠିକର କାମ। କାଣର ସେମାନେ ସ୍ୱଭାବତଃ ଅଝଟିଆ, ଚଂଚଳ ହୋଇଥାନ୍ତି। ଆଉ ବେଳେବେଳେ ଜିଦ୍ କରିବା, ମିଛ କହିବା ଏବଂ ଗୁରୁଜନଙ୍କୁ ଖରାପ ବ୍ୟବହାର କରିବା ମଧ୍ୟ ଲକ୍ଷ୍ୟ କରାଯାଇଛି।। ପିଲାଙ୍କୁ ସଜାଡ଼ିବାକୁ ହେଲେ ବିଶେଷ ସତର୍କ ରହିବା ଦରକାର। କାରଣ ପିଲାମାନେ କଂଚା ମାଟି ପିଣ୍ଡୁଳା ପରି। ଏହାକୁ ଯେପରି ରୂପ ଦେବା ତାହା ସେହି ଆକାର ନେଇଯାଏ। କେଉଁ ଦିଗ ପ୍ରତି ଆପଣ ସଚେତନ ହେବେ ଜାଣନ୍ତୁ।

- ପିଲାଟିର ଯେତେବେଳେ ଶାରୀରିକ ଏବଂ ମାନିକ ବିକାଶ ଘଟୁଥାଏ ମା'ମାନେ ପିଲାକୁ ଅଧିକ ସମୟ ଦେବା ଠିକ୍ ହେବ। ପିଲାକୁ ମାଡ଼ ମାରି କିମ୍ବା ଗାଳିକରି ବୁଝାଇବା ଅପେକ୍ଷା ସେମାନପଙ୍କୁ ନିଜ ପାଖରେ ବସାଇ ଭଲ ଭାବରେ ବୁଝାଇବା ଦ୍ୱାରା ପିଲାଟି ଆପଣଙ୍କ କଥା ଶୁଣିଥାଏ।
- ପିଲାଟିର ଦୃଷ୍ଟିକୋଣରୁ ବୁଝିବାକୁ ଚେଷ୍ଟା କରନ୍ତୁ। ବେଳେବେଳେ ସେମାନେ ଅନେକ କଥା ଲୁଚାଇ ଥାଆନ୍ତି। ଏଣୁ ସତ ଏବଂ ମିଛର ଫରକ ସେମାନଙ୍କୁ ବତାନ୍ତୁ।
- ଏମିତି ଅନେକ ପିଲା ଅଛନ୍ତି ଯିଏ କାହାକଥା ଆଦୌ ଶୁଣନ୍ତି ନାହିଁ ଏବଂ ବେଳେବେଳେ ଆକ୍ରମଣାତ୍ମକ ବ୍ୟବହାର ଦେଖାନ୍ତି। ସେତେବେଳେ ପିଲାଙ୍କୁ ମାରନ୍ତୁ ନାହିଁ। କାରଣ ସବୁପିଲା ଏକାଭଳି ନୁହଁନ୍ତି। ମା'ମାନେ କିଛି ନୂଆ ରଣନୀତି ବାଛନ୍ତୁ। ସେମାନଙ୍କୁ ସେହି ସମୟରେ ନବୁଝାଇ ପରେ କିଛି ଉଦାହରଣ ଦେଇ ବୁଝାଇବାକୁ ଚେଷ୍ଟା କରନ୍ତୁ।
- ପିଲାଙ୍କୁ ସମୟାନୁବର୍ତ୍ତୀ ଏବଂ ନିୟମ ବୁଝାଇବା ଠିକ୍। କିନ୍ତୁ ସବୁବେଳେ ସବୁକଥାରେ ନିୟମ ମାନିବା ପାଇଁ ପିଲାଙ୍କୁ ବାଧ୍ୟ କରନ୍ତୁ ନାହିଁ। ସେମାନଙ୍କୁ କିଛି ସ୍ୱାଧୀନାତ ଦିଅନ୍ତୁ। ଏହା ଦ୍ୱାରା ପିଲାଟି ସ୍ୱ ଇଚ୍ଛାରେ ମନର କଥା ଆପଣଙ୍କ ଆଗରେ ପ୍ରକାଶ କରିଥାଏ ଏବଂ ମିଛ ମଧ୍ୟ କହି ନଥାଏ।

# 'ଚିଲି କଙ୍କଡ଼ା' ପାଇଁ ୫୬,୦୦୦ ଟଙ୍କା ବିଲ୍ ଆସିବାରୁ ରେଷ୍ଟୋରାଁକୁ ପୁଲିସ ଡକାଇଲେ ମହିଳା



କିଛି ଦିନ ତଳେ ସାଙ୍ଗମାନଙ୍କୁ ସାଥିରେ ନେଇ ସିଙ୍ଗାପୁରସ୍ଥିତ ଏକ ରେଷ୍ଟୋରାଁକୁ ଖାଇବାକୁ ଯାଇଥିବା ଜଣେ ଜାପାନୀ ମହିଳା ପର୍ଯ୍ୟଟକ 'ଭୋଜନ ବିଲ୍' ଦେଖି ହତବାକ୍ ହୋଇ ପୁଲିସ ଡକାଇଥିବା କଥା 'ନ୍ୟୁୟର୍କ ପୋଷ୍ଟ' ରିପୋର୍ଟ କରିଛି।

ରିପୋର୍ଟରେ ଉଲ୍ଲେଖ ଅଛି, ସାମାନ୍ୟ କଙ୍କଡ଼ା ବ୍ୟଞ୍ଜନ ପାଇଁ ୬୮୦ ଡଲାର (ଭାରତୀୟ ମୁଦ୍ରାରେ ୫୬,୫୦୩ ଟଙ୍କା) ଦେବାକୁ ପଡ଼ିବ ବୋଲି ତାଙ୍କୁ ଆଗରୁ ଠିକ୍ ଭାବେ ଜଣାଇ ଦିଆଯାଇ ନ ଥିବା କଥା ସେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ସମ୍ବାଦପତ୍ର 'ଏସିଆ ୱାନ୍' ରିପୋର୍ଟ କରିଛି ଯେ, ଅଗଷ୍ଟ ୧୯ ତାରିଖ ଦିନ ଜାପାନୀ ମହିଳା ଜୁନ୍‌କୋ ଶିନ୍‌ବା 'ସିଫୁଡ୍ ପାରାଡାଇଜ୍' ରେଷ୍ଟୋରାଁକୁ ଯାଇ 'ଚିଲି କ୍ରାବ୍' ପାଇଁ ବରାଦ ଦେଇଥିଲେ। ଏ ସଂକ୍ରାନ୍ତରେ ଶିନ୍‌ବା କହିଛନ୍ତି ଯେ, ଜଣେ 'ୱେଟର'ଙ୍କ ସୁପାରିସ ଅନୁସାରେ ସେ 'ଆଲାସ୍କାନ୍ କିଙ୍ଗ୍ ଚିଲି କ୍ରାବ୍' ବ୍ୟଞ୍ଜନ ପାଇଁ ବରାଦ ଦେଲେ। ଏହି ବ୍ୟଞ୍ଜନର ମୂଲ୍ୟ ୨୦ ଡଲାର ବୋଲି 'ୱେଟର'ଜଣକ କହିଥିଲେ। କିନ୍ତୁ, ଏହି ଦର ଯେ, ପ୍ରତି ୧୦୦ ଗ୍ରାମ୍ ଓଜନ ପାଇଁ ଧାର୍ଯ୍ୟ, ତାହା ସେ ବୁଝାଇ କହି ନ ଥିଲେ। ଅର୍ଥାତ୍ ସେମାନେ ରାନ୍ଧିବାକୁ ଯାଉଥିବା କଙ୍କଡ଼ାଟିର ସମୁଦାୟ ଓଜନ କେତେ ବୋଲି ପ୍ରଥମରୁ ତାଙ୍କୁ ସୂଚନା ଦିଆଯାଇ ନ ଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ୪ ସାଙ୍ଗ ମିଶି ସମୁଦାୟ ୩,୫୦୦ ଗ୍ରାମ୍ ଓଜନରୁ ଅଧିକ 'ଚିଲି କଙ୍କଡ଼ା' ଖାଇବାରୁ ଦର ହେଲା ୬୮୦ ଡଲାର।

୫୦ ବର୍ଷୀୟ ଶିନ୍‌ବା କହିଛନ୍ତି, ୪ଜଣ ପ୍ରାପ୍ତବୟସ୍କଙ୍କ 'ଡିନର'ର ଦାମ ଏତେ ହୋଇଥିବା ଜାଣି ଆମେ ହତବାକ୍ ହୋଇଗଲୁ। ଅନେକ ରେଷ୍ଟୋରାଁ କଙ୍କଡ଼ା କାଟି ସେଥିରୁ କିଛି ଅଂଶ ରାନ୍ଧନ୍ତି। କିନ୍ତୁ, ଏଠାରେ କେବଳ ଆମମାନଙ୍କ ପାଇଁ ଗୋଟିଏ କଙ୍କଡ଼ା ସମୁଦାୟ ରନ୍ଧା ହେବ ବୋଲି ଧାରଣା ନ ଥିଲା।

ଶେଷରେ ବାଧ ହୋଇ ଶିନ୍‌ବା ପୁଲିସ ଡକାଇବା ଲାଗି 'ସିଫୁଡ୍ ପାରାଡାଇଜ୍'କୁ କହିଲେ ଓ ପରେ ପରେ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଲେ। ରେଷ୍ଟୋରାଁ କର୍ମଚାରୀମାନେ 'ଚିଲି କଙ୍କଡ଼ା' ମୂଲ୍ୟ କଥା ପୁଲିସକୁ ଜଣାଇବା ସହିତ ଅନ୍ୟ ଗ୍ରାହକମାନଙ୍କ ପାଖରୁ ସମ ପରିମାଣର ମୂଲ୍ୟ ନିଆଯାଇଥିବା କଥାର ପ୍ରମାଣ ବି ଦେଲେ।

ବହୁ ବିତର୍କ ପରେ ଦୟାପରବଶ ହୋଇ ବା ସଦିଚ୍ଛା ଦୃଷ୍ଟିରୁ ରେଷ୍ଟୋରାଁ ଶିନ୍‌ବାଙ୍କୁ ୭୮ ଡଲାର (୬,୪୭୯ ଟଙ୍କା) ରିହାତି ଦେବାକୁ ରାଜି ହୋଇଥିଲେ।

# ବାଥ୍‌ରୁମ୍ ରଖନ୍ତୁ: ଚମକଦାର୍

ଘରର ବାଥ୍‌ରରୁମ୍ ଘର ଉପରେ ପକାଇଥାଏ ନାନା ପ୍ରକାର କୁପ୍ରଭାବ। ଏଥିପାଇଁ ଘରର ବାଥରୁମକୁ ସବୁବେଳେ ପରିଷ୍କାର ରଖିବା ଉଚିତ୍। ନଚେତ କୀଟାଣୁ ସଂକ୍ରମଣ ଯୋଗୁ ନାନା ପ୍ରକାର ରୋଗ ସୃଷ୍ଟି ହୁଏ। ଏଥିପାଇଁ ବାଥରୁମକୁ ସଫା ରଖିବା ନିହାତି ଜରୁରି।

- ପ୍ରଥମେ ବାଥରୁମରେ ଲାଗିଥିବା ୱାଶ ବେସିନକୁ ସଫା ରଖନ୍ତୁ। ଏହାକୁ ସଫା କରିବା ପାଇଁ କିଛି ପରିମାଣରେ ଲେମ୍ବୁ ରସ ନେଇ ସେଥିରେ କିଛି ଲୁଣ ମିଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଏହି ଘୋଳକୁ ୱାଶଲ ବେସିନରେ ଦେଇ କିଛିସମୟ ପର୍ଯ୍ୟାପ୍ତ ଛାଡ଼ିଦିଅନ୍ତୁ। ୫ ମିନିଟ ପରେ ଏହାକୁ ଗରମ ପାଣିରେ ବ୍ୟବହାର କରି ଧୋଇ ଦିଅନ୍ତୁ। ଏହାଦ୍ୱାରା ବେସିନ ସଫା ହୋଇବା ସହ ଏଥିରୁ ବାହାରୁଥିବା ଦୁର୍ଗନ୍ଧ ମଧ୍ୟ କମହୋଇଯିବ।
- ବାଥୁରୁମ ସଫା କରିବା ସମୟରେ ଟଏଲେଟକୁ ସଫା କରିବା ପାଇଁ ଭୁଚଲନ୍ତୁଚ ନାହିଁ। ଭିନେଗାରରେ କିଛି ପରିମାଣରେ ଲେମ୍ବୁ ରସ ଏବଂ ଲୁଣ ମିଶାନ୍ତୁ। ତାପରେ ଏହାକୁ ଟଏଲଟରେ ବ୍ରଶ ସାହାଯ୍ୟରେ ଭଲ ଭାବରେ ଲଗାନ୍ତୁ। ୨୦ ମିନିଟ ପର୍ଯ୍ୟନ୍ତ ଏହାକୁ ଏପରି ଲାଗି ରଖନ୍ତୁ। ତାପରେ ଟଏଲଟର ପ୍ଲାଶ ମାରିଦିଅନ୍ତୁ। ଏଭଳି କରିବା ଦ୍ୱାରା ଟଏଲଟରେ ଲାଗିଥିବା ସମସ୍ତ ଦାଗ ଦୂର ହୋଇଯିବ।
- ବାଥରୁମର କବାଟ ଏବଂ ଝରକାକୁ ସଫା କିରବା ପାଇଁ ଆପଣ ଚାହିଁଲେ ପୁରୁଣା ଟୁଥବ୍ରଶର ବ୍ୟବହାର ମଧ୍ୟ କରିପାରିବେ। ସାବୁନ ଏବଂ ସର୍ଫର ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଏହା ମଧ୍ୟରେ ବ୍ରଶ ବୁଡ଼ାଇ ଝରକା ଏବଂ କବାଟକୁ ଭଲ ଭାବରେ ସଫା କରନ୍ତୁ।

ବାଥରୁମ ନଳରେ ମଇଳା ବସିଥିଲେ ଏହାକୁ ଛଡ଼େଇବା ପାଇଁ ଏକ କପଡ଼ାକୁ ଭିନେଗାରରେ ବୁଡ଼ାଇ ଏହି କପଡ଼ାକୁ ନଳ ଉପରେ ରଗଡ଼ନ୍ତୁ। ନଳା ସଫା ହୋଇଯିବ।

# ଅଧିକ ଫାଷ୍ଟ୍‌ଫୁଡ୍ ଖାଇଲେ ନିଶ୍ୱାସରୁ ଦୁର୍ଗନ୍ଧ ଆସେ



ସକାଳୁ ଉଠିଲେ ମୁହଁ ବା ପାଟିରରୁ ଗନ୍ଧ ଆସିବା ଏକ ସାଧାରଣ କଥା। କିନ୍ତୁ ,କ ନୂତନ ରିସର୍ଚ୍ଚ ଅନୁଯାୟୀ ଯେଉଁମାନେ ଫାଷ୍ଟଫୁଡ଼ ଅଧିକ ପରିମାଣରେ ଖାଆନ୍ତି ସେମାନଙ୍କ ପାଟିରୁ ଅନ୍ୟ ସମୟରେ ମଧ୍ୟ ଦୁର୍ଗନ୍ଧ ଆସିଥାଏ। ଅନ୍ୟପକ୍ଷରେ ଯେଉଁମାନେ କଦବା କ୍ୱଚିତ ଫାଷ୍ଟଫୁଡ଼ ଖାଆନ୍ତି ସେମାନଙ୍କ ପାଟିରୁ ଦୁର୍ଗନ୍ଧ ଆସି ନଥାଏ। ଏହି ଷ୍ଟଡ଼ିରୁ ଦେଖିବାକୁ ମିଳିଛି ଫାଷ୍ଟଫୁଡ୍ ପ୍ରସ୍ତୁତ କରିବା ବେଳେ ପ୍ରୟୋଗ ହେଉଥିବା ତେଲରୁ ଲୋକଙ୍କର ଏସିଡିଟି ସମସ୍ୟାର ଆଶଙ୍କା ଦେଖାଦେଇଥାଏ। ଏସିଡିଟି କାରଣରୁ ଗ୍ୟାସଟ୍ରିକ ରିଫ୍ଲେକ୍ସ ହୋଇଥାଏ ଯାହା ନିଶ୍ୱାସରେ ଦୁର୍ଗନ୍ଧର ଏକ ପ୍ରମୁଖ କାରଣ ଅଟେ। ଏଥିସହିତ ଯଦି ଡାଇବେଟିସ ଭଳି କୌଣସି ସମସ୍ୟା ଅଛି ତେବେ ମିଂଶ ପଦାର୍ଥ ଖାଇଲେ ମୁହଁରେ ବ୍ୟାକ୍ଟେରିଆ ବଢ଼ିଯାଇଥାନ୍ତି। ଫଳରେ ନିଶ୍ୱାସରେ ଦୁର୍ଗନ୍ଧ ସମସ୍ୟା ବହୁଗୁଣରେ ବଢ଼ିଯାଇଥାଏ। ଯଦି ଆପଣ ପାଟିକୁ ଫ୍ରେଶ ରଖିବାକୁ ଚାହୁଁଛନ୍ତି ତେବେ ପନିପରିବା ଓ ଫଳ ଆଦି ଖାଆନ୍ତୁ ସେଓ ଖାଇଲେ ନିଶ୍ୱାସ ପ୍ରଶ୍ୱାସ ତାଜା ରହିଥାଏ। କମଳା ଓ ଷ୍ଟ୍ରବେରୀ ମଧ୍ୟ ଆପଣଙ୍କ କାମରେ ଆସିପାରେ। ଏହି ଫଳରୁ ଭିଟାମିନ ସି ମିଳିଥାଏ ତାହା ଏସିଡିକୁ ପରିବେଶ ସୃଷ୍ଟି କରିଥାଏ। ତେଣଉ ଏଠାରେ ବ୍ୟାକ୍ଟେରିଆ ସୃଷ୍ଟି ହୋଇପାରି ନଥାଏ ଓ ମୁହଁରେ ଦୁର୍ଗନ୍ଧ ହୋଇ ନଥାଏ।

# ଜାଣନ୍ତି କି....

୧. ମହିଳାଙ୍କ ମସ୍ତିଷ୍କ ତୁଳନାରେ ପୁରୁଷଙ୍କ ମସ୍ତିଷ୍କ ୧୦ ପ୍ରତିଶତ ବଡ଼।

୨. ଆମ ମସ୍ତିଷ୍କ ସର୍ବଦା ୧୨ରୁ ୨୫ ୱାଟ୍ ବିଦ୍ୟୁତ ଉତ୍ପନ୍ନ କରିଥାଏ, ଯେଉଁଥିରେ ଏକ ଛୋଟ ଏଲଇଡି ବଲବ ଜଳିପାରିବ।

୩. ମସ୍ତିଷ୍କରେ ଥିବା ଶିରା ପ୍ରଶିରାର ଲମ୍ବ ୬୪୫ କିଲୋମିଟର।।

୪. ମସ୍ତିଷ୍କର ଆକାର ଧୀରେ ଧୀରେ ଅବକ୍ଷୟ ହେବାରେ ଲାଗିଛି। ବିଗତ ୨୦ ହଜାର ବର୍ଷରେ ଟେନିସ ବଲ ଆକାର ମସ୍ତିଷ୍କ ଛୋଟ ହୋଇଛି।

୫. ମସ୍ତିଷ୍କକୁ କଷ୍ଟ ହୋଇନଥାଏ। ତେଣୁ ଯଦି ମସ୍ତିଷ୍କର ସର୍ଜରୀ କରାଯାଏ, ତେବେ ଅନାସ୍ଥେସିଆର ଆବଶ୍ୟକ ହେବନାହିଁ। କିନ୍ତୁ ଖପୁରି ପାଇଁ ଅନାସ୍ଥେସିଆର ଆବଶ୍ୟକତା ପଡ଼ିଥାଏ।

୬. ମସ୍ତିଷ୍କ ନ୍ୟୁରେନ୍ସ ମାଧ୍ୟମରେ ପରିଚାଳିତ ହୋଇଥାଏ। ଏହା କମ୍ପ୍ୟୁଟରର ସିପିୟୁ ଭଳି କାମ କରିଥାଏ। ମନୁଷ୍ୟର ମସ୍ତିଷ୍କରେ ୧୦ହଜାର କୋଟି ନ୍ୟୁରେନ୍ସ ରହିଥାଏ। ୩୫ବର୍ଷ ପରେ ଦୈନିକ ୭୦୦୦ ନ୍ୟୁରେନନ୍ସ କମିବାରେ ଲାଗେ।

୭. ଏକ ବୟସ୍କ ବ୍ୟକ୍ତି ମସ୍ତିଷ୍କର ସଜନ ୧୪୦୦ରୁ ୧୫୦୦ଗ୍ରାମ।

୮. ଆଲବର୍ଟ ଆଇନଷ୍ଟାଇନଙ୍କ ମସ୍ତିଷ୍କ ସାଧାରଣ ବ୍ୟକ୍ତିଙ୍କ ତୁଳନାରେ ୧୦% କମ୍ ଥିଲା। କିନ୍ତୁ ତାଙ୍କ ମସ୍ତିଷ୍କ ନ୍ୟୁରେନ୍ସ ଅଧିକ ରହିଥିଲା ଯାହା ମସ୍ତିଷ୍କକୁ ଅଧିକ କ୍ରିୟାଶୀଳ କରିଥାଏ।

୯. ହସିଲେ ଆମ ମସ୍ତିଷ୍କର ୫ଟି ଭାଗ ଏକସଙ୍ଗେ କାର୍ଯ୍ୟ କରିଥାଏ।

୧୦. ଅବଚେତନ ମସ୍ତିଷ୍କ ଚେତନ ମସ୍ତିଷ୍କ ଠାରୁ ୩୦,୦୦୦ ଗୁଣ ଅଧିକ ଶକ୍ତିଶାଳୀ ହୋଇଥାଏ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୨ ସେପ୍ଟେମ୍ବର ୨୦୨୩, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଂରକ୍ଷଣରେ ମହିଳା...

ମହିଳାମାନଙ୍କ ପାଇଁ ସଂସଦ ଏବଂ ରାଜ୍ୟମାନଙ୍କର ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ନିମନ୍ତେ ୩୩ ବର୍ଷ ପୂର୍ବେ ପ୍ରଥମେ ସଂସଦରେ ବିଲ୍‌ଟିଏ ଉପସ୍ଥାପନ ହୋଇଥିଲା । କିନ୍ତୁ ନିକଟରେ ତାହା ସଂସଦରେ ଉପସ୍ଥାପିତ ନହେବା ପର୍ଯ୍ୟନ୍ତ ପାରିତ ହୋଇପାରି ନଥିଲା କି ବାସ୍ତବ କ୍ଷେତ୍ରରେ ଅଦ୍ୟାବଧି ଲାଗୁ ହୋଇପାରି ନାହିଁ । ତେବେ ଏଥରକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କ୍ୟାବିନେଟ୍ ଗତ ସୋମବାର ଦିନ ଏହାକୁ ଅନୁମୋଦନ କରିବା ପରେ ଏହି ବିଲ୍ ପାରିତ ହେବାର ପଥ ଆପାତତଃ ପରିଷ୍କାର ହୋଇ ଯାଇଛି ସଂସଦର ବିଶେଷ ଅଧିବେଶନରେ, ଯାହା ଚାଲୁ ରହିଛି ଓ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ବିଲ୍ ଲୋକସଭା ଏବଂ ସମସ୍ତ ରାଜ୍ୟ ବିଧାନସଭାଗୁଡ଼ିକରେ ଉପଯୁକ୍ତ ଲିଙ୍ଗାନୁପାତକୁ ବଜାୟ ରଖିବା ଉଦ୍ଦେଶ୍ୟରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରିଛି । ପ୍ରଧାନମନ୍ତ୍ରୀ ସଦନକୁ ସୂଚନା ପ୍ରଦାନ କରିଥିଲେ ଯେ ୭,୫୦୦ରୁ ଅଧିକ ସଂଖ୍ୟକ ଜନ ପ୍ରତିନିଧିମାନେ ସଂସଦର ଉଭୟ ସଦନରେ ସେମାନଙ୍କର ସେବା ପ୍ରଦାନ କରି ସାରିଥିବା ବେଳେ ମହିଳା ପ୍ରତିନିଧିଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ ଭାବରେ ମାତ୍ର ୬୦୦ କି ସେହିଭଳି କିଛି ସଂଖ୍ୟକ ରହିଛି। ୧୯୯୨ ମସିହାର ପଞ୍ଚାୟତିରାଜ ଆଇନ ସେମାନଙ୍କ ପାଇଁ ପ୍ରତିନିଧିତ୍ୱର ଆହ୍ୱାନକୁ ଗ୍ରହଣ କରିଥିଲା ଏବଂ ସ୍ଥାନୀୟ ସଂସ୍ଥାମାନଙ୍କରେ ମହିଳାମାନଙ୍କ ନିମନ୍ତେ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କଲା । ଆଜିକା ଦିନରେ ୨୮ଟି ରାଜ୍ୟ ମଧ୍ୟରୁ ୨୦ଟି ରାଜ୍ୟର ସ୍ଥାନୀୟ ସଂସ୍ଥାମାନଙ୍କରେ ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ଏକ ସମୟ ପରେ, ଯେତେବେଳେ କି ଅଧିକାଂଶ କ୍ଷେତ୍ରରେ ପତ୍ନି ବା ଜଣକ ପାଇଁ ଅନ୍ୟ ଜଣେ ପରୋକ୍ଷ ଭାବରେ କାର୍ଯ୍ୟ କରିବା ଦେଖା ଯାଉଥିଲା, ଏକ ନୂଆ ପିଢ଼ିର ଆତ୍ମବିଶ୍ୱାସୀ ଏବଂ ସମର୍ଥ ମହିଳା ନେତାମାନଙ୍କର ଅଭ୍ୟୁଦୟ ଘଟିଲା। ତେବେ ରାଜନୀତିକ ଦଳମାନେ କଦାଚିତ୍ ସେମାନଙ୍କୁ ବିଧାନସଭା ନିର୍ବାଚନଗୁଡ଼ିକରେ ବା ସାଧାରଣ ନିର୍ବାଚନରେ ଉପଯୁକ୍ତ ସଂଖ୍ୟାରେ ଭାଗ ନେବାକୁ ସୁଯୋଗ ଦେଉଛନ୍ତି। ସମ୍ପ୍ରତି ସମ୍ବିଧାନ (୧୨୮ତମ ସଂଶୋଧନ), ୨୦୨୩ ବିଲ୍ ଲୋକସଭା ଏବଂ ସବୁ ରାଜ୍ୟର ବିଧାନସଭାଗୁଡ଼ିକ ସହିତ ଦିଲ୍ଲୀର ଜାତୀୟ ରାଜଧାନୀ ଅଞ୍ଚଳର ବିଧାନସଭାରେ ଏକ-ତୃତୀୟାଂଶ ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ କରିବା ଏବଂ ସଙ୍ଗେ ସଙ୍ଗେ ଏହି ଅସଙ୍ଗତିକୁ ସଂଶୋଧନ କରିବା ଉଦ୍ଦେଶ୍ୟରେ ଏକ-ତୃତୀୟାଂଶ ସଂଖ୍ୟକ ଆସନ ଏହିସବୁ ବ୍ୟବସ୍ଥାପିକାରେ ଏସ୍‌ସି/ଏସ୍‌ଟିମାନଙ୍କ ନିମନ୍ତେ ସଂରକ୍ଷିତ କରିବାର ଉଦ୍ଦେଶ୍ୟ ବହନ କରୁଛି । ମହିଳାମାନଙ୍କ ନିମନ୍ତେ ରାଜନୀତିରେ ସ୍ଥାନ ସଂରକ୍ଷଣ ପ୍ରସ୍ତାବ ଉପରେ ପୂର୍ବରୁ ଯେପରି ରାଜନୀତିକ ସହମତିର ଅଭାବ ରହିଥିଲା, ବର୍ତ୍ତମାନ ତାହା ଆଉ ନାହିଁ । ସ୍ପଷ୍ଟ ଭାବରେ କହିଲେ, ଆଜିକା ସମୟରେ କୌଣସି ରାଜନୀତିକ ଦଳ, ଏମିତିକି ଯେଉଁ ଦଳଗୁଡ଼ିକ ନିରନ୍ତର ଭାବରେ ଏଭଳି ଏକ ଆଇନକୁ ପାରିତ କରାଇବା କ୍ଷେତ୍ରରେ ବିରୋଧ ପ୍ରଦର୍ଶନ କରୁଥିଲେ, ସେମାନେ ମଧ୍ୟ ଏବେ ଆଉ ମହିଳା-ବିରୋଧୀ ଦଳ ଭାବରେ ନିଜକୁ ପ୍ରଦର୍ଶିତ କରାଇବାକୁ ଚାହୁଁ ନାହାନ୍ତି । ସାଧାରଣ ନିର୍ବାଚନର ମାତ୍ର ବର୍ଷକ ଆଗରୁ ସ୍ଥାନ ସଂରକ୍ଷଣର ପ୍ରସ୍ତାବ ଦେଉଥିବା ବିଲ୍ ସମୟ ଅବଶ୍ୟ ଉଲ୍ଲେଖନୀୟ (ତଥ୍ୟ ହେଉଛି, ନୂଆ ସଂସଦ କୋଠାରେ ଏହା ଥିଲା ପ୍ରଥମ କାର୍ଯ୍ୟ), ଯଦିଓ ଏହା କାର୍ଯ୍ୟକାରୀ ହେବା ନିମନ୍ତେ ଆଉ କିଛି ସମୟ ଲାଗିବ– ବିଲ୍ ଆଇନରେ ପରିଣତ ହେଲେ ସୁଦ୍ଧା ଏହା ୨୦୨୪ ନିର୍ବାଚନକୁ ପ୍ରଭାବିତ କରିବ ନାହିଁ ଏବଂ ଏହି ଆଇନକୁ ୨୦୨୯ ଲୋକସଭା ନିର୍ବାଚନ ବେଳକୁ କାର୍ଯ୍ୟକାରୀ ହେବ । ପୁନଶ୍ଚ, ଏହାର ସାମ୍ପ୍ରତିକ ରୂପରେ ବିଲ୍ ୧୫ ବର୍ଷର ଅବଧି ପର୍ଯ୍ୟନ୍ତ ସ୍ଥାନ ସଂରକ୍ଷଣର ପ୍ରସ୍ତାବ ଦେଇଛି, ଯାହା ପାଇଁ ଜନଗଣନା ରିପୋର୍ଟ ଏବଂ ସୀମା ନିର୍ଦ୍ଧାରଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ଏହାର ଅର୍ଥ ହେଉଛି, ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ପାଇଁ ଯଦିଓ ଏବେ ବିହନ ବୁଣିବା କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ, ତଥାପି ଫସଲ କାଟିବା ପାଇଁ ଆଉ କିଛି ସମୟ ଅପେକ୍ଷା କରିବାକୁ ହେବ, ଯେହେତୁ ବର୍ତ୍ତମାନ ସୁଦ୍ଧା ଦୁଇ ବର୍ଷ ବିଳମ୍ବ ହୋଇ ସାରିଥିବା ଜନଗଣନା ପ୍ରକ୍ରିୟା ଏବେ ବି ଆରମ୍ଭ ହେବାକୁ ବାକି ରହିଛି । କହିବା ବାହୁଲ୍ୟ, ମହିଳାମାନଙ୍କୁ ସେମାନଙ୍କର ହକ୍ ପ୍ରଦାନ କରିବା ପାଇଁ ମୋଦୀ ସରକାରଙ୍କ ପ୍ରୟାସ ଅବଶ୍ୟ ପ୍ରଶଂସନୀୟ । ତେବେ ଲୋକସଭା ଏବଂ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ରାମବାଣ ବା ସବୁ ସମସ୍ୟାର ସମାଧାନକାରୀ ଭାବରେ ଦେଖାଯିବା ଉଚିତ ନୁହେଁ । ମହିଳାମାନଙ୍କୁ ପ୍ରକୃତ ପକ୍ଷେ ସଶକ୍ତ କରିବାକୁ ହେଲେ ଉପରୋକ୍ତ ବ୍ୟବସ୍ଥା ସହିତ ସମାନ୍ତରାଳ ଭାବରେ ସେମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା, କର୍ମନିଯୁକ୍ତି ଏବଂ ଅର୍ଥନୀତିକ ସୁଯୋଗଗୁଡ଼ିକ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାକୁ ପଡ଼ିବ, ଯେଉଁଗୁଡ଼ିକ କେବଳ ସାଂଗଠନିକ ନୁହେଁ, ବରଂ ମାନସିକ ସ୍ତରର ଭାବନା ଉପରେ ଅଧିତଃ ପର୍ଯ୍ୟବସିତ।

# ଓଡ଼ିଶାରେ ଇଣ୍ଡିଆ ଦୁର୍ବଳ

### ଅଧ୍ୟାପକ ଗୋପବନ୍ଧୁ



ସର୍ବଭାରତୀୟ ସ୍ତରରେ ବିରୋଧି ଗୋଠବନ୍ଧନ 'ଇଣ୍ଡିଆ'ର ପଲ୍ଲା ଭାରିଥିବା ପରି ଜଣା ପଡୁଛି। ନିକଟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ରାଜ୍ୟର ବିଧାନସଭା ଉପନିର୍ବାଚନରେ ଏକ ପ୍ରକାର ସେମ୍ପୁଲ୍ ଟେଷ୍ଟ ହୋଇଯାଇଛି। ଏହା ଏନଡିଏ ଓ ଇଣ୍ଡିଆ ମଧ୍ୟରେ ସିଧାସଳଖ ମୁକାବିଲା ଥିଲା। ସାତୋଟି ଆସନରୁ ଇଣ୍ଡିଆ ଚାରୋଟି ଆସନରେ ଓ ଏନଡିଏ ତିନୋଟି ଆସନରେ ଜିତିଛି। ଏନଡିଏର ମୁଖ୍ୟ ଅଂଶୀଦାର ହେଉଛି ବିଜେପି। ଏହି ଦଳ କ୍ଷୁଦ୍ରରାଜ୍ୟ ତ୍ରିପୁରାରେ ଦୁଇଟି ଓ ଉତ୍ତରାଖଣ୍ଡର ଗୋଟିଏ ଆସନ ଜିତିଛି। ତ୍ରିପୁରାରେ ଦୁଇଟି ଲୋକସଭା ସଂସଦୀୟ କ୍ଷେତ୍ର ଥିବାବେଳେ ଉତ୍ତରାଖଣ୍ଡରେ ପାଞ୍ଚଟି ଲୋକସଭା ସଂସଦୀୟ କ୍ଷେତ୍ର ରହିଛି। ଅନ୍ୟ ପକ୍ଷରେ ଇଣ୍ଡିଆ ଚାରୋଟି ବଡ ବଡ ରାଜ୍ୟରେ ଚାରୋଟି ଆସନ ଜିତିଛି। ସେଗୁଡିକ ହେଉଛି ଝାଡଖଣ୍ଡ, ପଶ୍ଚିମବଙ୍ଗ, କେରଳ ଓ ଉତ୍ତରପ୍ରଦେଶ। ଝାଡ଼ଖଣ୍ଡରେ ୧୪ଟି, ପଶ୍ଚିମବଙ୍ଗରେ ୪୨ଟି, କେରଳରେ ୨୦ଟି ଓ ଉତ୍ତର ପ୍ରଦେଶରେ ୮୦ଟି ଲୋକସଭା ସଂସଦୀୟ କ୍ଷେତ୍ର ରହିଛି। ସବୁଠାରୁ ବଡକଥା ହେଉଛି ଉତ୍ତରପ୍ରଦେଶରେ ଶାସନାଧୀନ ବିଜେପି ବହୁ ବ୍ୟବଧାନରେ ପରାଜିତ ହୋଇଛି। ଇଣ୍ଡିଆର ସମାଜବାଦୀ ପାର୍ଟି ଏଠାରେ ଜିତିଛି। ଏହା ଏକ ବଡ଼ ସଂକେତ।

ଇଣ୍ଡିଆ ଗୋଠବନ୍ଧନରେ ମୁଖ୍ୟ ଅଂଶୀଦାର ଦଳ ହେଉଛି କଂଗ୍ରେସ। ବିଭିନ୍ନ ରାଜ୍ୟରେ ଏହି ଗୋଠବନ୍ଧନର ଅଂଶୀଦାର ଦଳମାନେ ଶକ୍ତିଶାଳୀ। ଅନେକ ରାଜ୍ୟରେ ଏମାନେ ଶାସନ କ୍ଷମତାରେ ଅଛନ୍ତି କିମ୍ବା ମୁଖ୍ୟ ବିରୋଧୀ ଦଳ ଭୂମିକାରେ ଅଛନ୍ତି। ଓଡ଼ିଶାରେ ଶାସକ ବିଜେଡି ର ମୁଖ୍ୟ ବିରୋଧୀ ଦଳ ହେଉଛି ବିଜେପି। ଗତ ନିର୍ବାଚନରେ ବିଜେଡି ୧୧୩ଟି ବିଧାନସଭା ଆସନରେ ଜିତିଥିବା ବେଳେ ବିଜେପି ମୁଖ୍ୟ ବିରୋଧୀ ଦଳଭାବେ ୨୨ଟି ଆସନରେ ଜିତିଥିଲା। କଂଗ୍ରେସ ୯ଟି ଆସନ ପାଇ ତୃତୀୟ ସ୍ଥାନରେ ରହିଛି। ରାଜ୍ୟରେ ବିଜେପି ଓ ବିଜେଡି ମଧ୍ୟରେ ଅଘୋଷିତ ଗୋଠବନ୍ଧନ ହୋଇଥିବାର ପ୍ରଚାର ହେଉଛି। ଏପରି ହୋଇଥିଲେ କଂଗ୍ରେସ ବର୍ତ୍ତମାନ ମୁଖ୍ୟ ବିରୋଧୀ ଦଳର ଭୂମିକାରେ ରହିଛି। ଓଡ଼ିଶାରେ ଇଣ୍ଡିଆର ନେତୃତ୍ୱ କଂଗ୍ରେସ ନେବା ସ୍ୱାଭାବିକ। ଇଣ୍ଡିଆର ଅନ୍ତର୍ଭୁକ୍ତ ଅନ୍ୟ ଯେଉଁ ରାଜନୈତିକ ଦଳମାନେ ଓଡ଼ିଶାରେ ଅଛନ୍ତି ତାଙ୍କ ସ୍ଥିତି ଅତ୍ୟନ୍ତ ଦୁର୍ବଳ କିମ୍ବା ନାହିଁ କହିଲେ ଚଳେ। ତେଣୁ ଆଗାମୀ ନିର୍ବାଚନରେ ଓଡିଶାରେ ଇଣ୍ଡିଆର ନେତୃତ୍ୱ କଂଗ୍ରେସକୁ ହିଁ ନେବାକୁ ହେବ।

କଂଗ୍ରେସ ପାଇଁ ସମସ୍ୟା ହେଉଛି ରାଜ୍ୟରେ ଏ ଦଳ ଦୀର୍ଘବର୍ଷ ଧରି ଶାସନ କ୍ଷମତାରେ ନାହିଁ। ବିରୋଧି ଦଳର ଭୂମିକାକୁ ବିଜେପି ଛଡାଇ ନେଇଛି। ଏହା ଛଡ଼ା ପାର୍ଟିରେ ସେପରି ନେତୃତ୍ୱ ନାହାଁନ୍ତି ଯାହାଙ୍କ ନାମରେ ଭୋଟ ପଡିବ। ଓଡିଶାବାସୀଙ୍କ ହୃଦୟ ଜିତିବା ଭଳି ବ୍ୟକ୍ତିତ୍ୱର ଅଭାବ ପାର୍ଟିରେ ରହିଛି। ଯେଉଁମାନେ ଅଛନ୍ତି ତାଙ୍କୁ କୋଣଠେସା କରି ରଖାଯାଇଛି କିମ୍ବା ପାର୍ଟିରୁ ତଡିଦିଆ ଯାଇଛି। କେନ୍ଦ୍ରୀୟ ନେତୃତ୍ୱର ଭରଷାରେ ପାର୍ଟି ରାଜ୍ୟରେ ବିଜେଡି ଓ ବିଜେପିକୁ ପରାଜିତ କରିପାରିବ ତାହା ଅନୁଭବ ହେଉନାହିଁ। ଏ ବିଷୟକୁ ନେଇ କେନ୍ଦ୍ରୀୟ ନେତୃତ୍ୱ ତତ୍ପର ଥିବାପରି ମନେହେଉ ନାହିଁ। ବୋଧହୁଏ ଓଡିଶା ପାଇଁ ଇଣ୍ଡିଆ ଏତେ ଚିନ୍ତିତ ନୁହେଁ। ଓଡିଶାରେ ବିଜେପି ଓ ବିଜେଡି ଆଲୋଚନାର ଶୀର୍ଷରେ ରହିଛନ୍ତି। କଂଗ୍ରେସ ଏଯାଏଁ ଆଲୋଚନା ପରିସରକୁ ଆସିନାହିଁ। ଅବଶ୍ୟ କଂଗ୍ରେସର କର୍ଣ୍ଣାଟକ ବିଜୟ ପରେ ପାର୍ଟି ମଧ୍ୟରେ କିଛି ଚଞ୍ଚଳତା ଆସିଛି, କିନ୍ତୁ ଏହାକୁ ପ୍ରଖର କରିବାର ନେତୃତ୍ୱ ନାହିଁ।ସାମାଜିକ ନ୍ୟାୟକୁ ନେଇ ପାର୍ଟିର କେନ୍ଦ୍ରୀୟ ନେତୃତ୍ୱ ଓ ରାଜ୍ୟ ନେତୃତ୍ୱ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ରହିଛି। କର୍ଣ୍ଣାଟକରେ ପାର୍ଟି ଯେଉଁ ପ୍ରକାରର ଜାତି ଓ ବର୍ଗର ସମୀକରଣକୁ ଗୁରୁତ୍ୱ ଦେଇ ବିଜୟଲାଭ କଲା, ଓଡିଶା ତାହାକୁ ଅନୁସରଣ କରୁଛି ବୋଲି ମନେହେଉ ନାହିଁ। କେନ୍ଦ୍ରୀୟ ନେତୃତ୍ୱ ଠିକଭାବେ ବୁଝିଯାଇଛନ୍ତି ଯେ ପାର୍ଟିର ପୂର୍ବ ଅବସ୍ଥାକୁ ଫେରାଇ ଆଣିବାକୁ ହେଲେ ଆଦିବାସୀ, ଦଳିତ, ପଛୁଆବର୍ଗ ଓ ସଂଖ୍ୟାଲଘୁମାନଙ୍କ ବିଶ୍ୱାସଭାଜନ ହେବାକୁ ହେବ। ଏମାନଙ୍କ ସମାନୁପାତିକ ଅଧିକାରକୁ ସ୍ୱୀକାର କରିବାକୁ ପଡିବ। ନେତୃତ୍ୱରେ ସମାନ ଭାଗିଦାରୀ କରାଇବାକୁ ହେବ। ଏମାନେ ଯେଉଁ ଲଢେଇ ଲଢୁଛନ୍ତି, ତାହାକୁ ଗ୍ରହଣ କରିବାକୁ ପଡିବ। ଏମାନଙ୍କ ସପକ୍ଷରେ ମତବ୍ୟକ୍ତ କରିବାକୁ ପଡ଼ିବ। ତେଣୁକରି ପାର୍ଟିର ସର୍ବୋଚ୍ଚ ନେତା ଶ୍ରୀ ରାହୁଲ ଗାନ୍ଧୀ ଗତ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ସମୟରେ ଜାତିଭିତ୍ତିକ ଜନଗଣନା, ସଂରକ୍ଷଣର ୫୦% ବାଧାର ଉଚ୍ଛେଦ, ସମାନୁପାତିକ ସଂରକ୍ଷଣ ତଥା ସାମାଜିକ ନ୍ୟାୟ କଥା କହି ଲୋକଙ୍କ ହୃଦୟ ଜିତିଥିଲେ।

ଓଡିଶା ଇଣ୍ଡିଆର ମୁଖ୍ୟ ଘଟକ ଦଳ କଂଗ୍ରେସ ସାମାଜିକ ନ୍ୟାୟ ଉପରେ କୌଣସି ମନ୍ତବ୍ୟ ଦେବାର ଶୁଣାଯାଉ ନାହିଁ। ଓଡ଼ିଶାରେ ଓବିସିମାନେ ଶିକ୍ଷା ଓ ଚାକିରୀରେ ମଣ୍ଡଳ କମିଶନଙ୍କ ସୁପାରିଶ ମୁତାବକ ୨୭% ସଂରକ୍ଷଣ ପାଇବା କଥାକୁ ଇସ୍ୟୁ କରୁନାହିଁ। ବରଂ ବିଜେପିର ଓବିସି ସେଲ ଓ ଏହାର ତୁଙ୍ଗନେତା ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ଦାବୀକୁ ଉଠାଇ ଆସିଛନ୍ତି। ସେହିପରି ରାଜ୍ୟରେ ଏସଟି ଓ ଏସସିମାନେ ଶିକ୍ଷା କ୍ଷେତ୍ରରେ ନିଜର ସଂଖ୍ୟା ମୁତାବକ ୪୦% ସଂରକ୍ଷଣ ପାଇ ପାରୁନାହାଁନ୍ତି, ଏହା ବଦଳରେ ୨୦% ସଂରକ୍ଷଣ ପାଉଛନ୍ତି, ଏ ବିଷୟରେ ସ୍ପଷ୍ଟ ଦାବୀ ଉପସ୍ଥାପନ କରୁନାହିଁ। ସଂଖ୍ୟାଲଘୁଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ତଥା ଏ ସମସ୍ତ ବର୍ଗ ପାଇଁ ଥିବା ଆର୍ଥୀକ ନିଗମକୁ ପୁନଃ କାର୍ଯ୍ୟକ୍ଷମ କରିବା ପରି ବିଷୟ ଉପରେ ରାଜ୍ୟ ଶାଖା ନୀରବ ରହିଛି। ବିଭିନ୍ନ ସଂଗଠନ ଏ ଦାବିଗୁଡିକୁ ନେଇ ଆନ୍ଦୋଳନ କରିବାର ଦେଖାଯାଉଛି। ଏମାନଙ୍କ ସପକ୍ଷରେ ସ୍ପଷ୍ଟ ମତ ରଖିଲେହିଁ ଏମାନଙ୍କ ସମର୍ଥନ ପାଇବାର ସମ୍ଭାବନା ରହିଛି। ସଠିକ ସାମାଜିକ ସମୀକରଣ ଉପରେ ଇଣ୍ଡିଆର ଭଲ ପ୍ରଦର୍ଶନ ନିର୍ଭର କରିବା କଥାକୁ ଇଣ୍ଡିଆ ଏଯାଏଁ ଉପଲବ୍ଧି କରିପାରି ନାହିଁ। ରାଜ୍ୟ ଇଣ୍ଡିଆ ବୈଠକରେ ଏ ବିଷୟରେ ଆଲୋଚନା ହେଉନାହିଁ।

ଇଣ୍ଡିଆ କେନ୍ଦ୍ର ପାଇଁ ଆଶାର କିରଣ ନେଇ ଆସିଛି, କିନ୍ତୁ ଓଡିଶା ପାଇଁ ଏହା ଉତ୍ସାହପ୍ରଦ ନୁହେଁ। ସାମାଜିକ ନ୍ୟାୟ ପ୍ରସଙ୍ଗକୁ ନେଇ ସାରା ଦେଶରେ ପରିବର୍ତ୍ତନର ଧାରା ପରିଲକ୍ଷିତ ହେଉଥିବା ବେଳେ ଓଡିଶା ହେଉଛି ବ୍ୟତିକ୍ରମ। ଓଡିଶାରେ ଇଣ୍ଡିଆ ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ଅଛି । ଆଗାମୀ ସାଧାରଣ ନିର୍ବାଚନରେ କିଛି ଆଖିଦୃଶିଆ ଫଳ ଆଣିବାକୁ ହେଲେ ରାଜ୍ୟ ଇଣ୍ଡିଆ, ମୁଖ୍ୟତଃ କଂଗ୍ରେସ ଦଳ ତାର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବା ଜରୁରୀ। କେନ୍ଦ୍ରୀୟ ନେତୃତ୍ୱର ଅନୁସରଣରେ ସାମାଜିକ ନ୍ୟାୟ ତଥା ସାମାଜିକ ସମୀକରଣ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଆବଶ୍ୟକ। ଅନ୍ୟଥା ରାଜ୍ୟରେ ଅନୁଷ୍ଠିତ ହୋଇ ଯାଇଥିବା ଉପନିର୍ବାଚନର ଫଳକୁ ପୁନର୍ବାର ଦୋହରାଇ ପାର୍ଟିକୁ ସନ୍ତୁଷ୍ଟ ହେବାକୁ ପଡିବ।

ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

# ନାରୀଶକ୍ତି ଶକ୍ତି ବନ୍ଦନ ଅଧିନିୟମ

### ଅନୁପମା ଭୂୟାଁ



ମହିଳା ଆରକ୍ଷଣ ବିଲ ସମ୍ବିଧାନର ୧୨୮ତମ ସଂଶୋଧନ ଦ୍ୱାରା ସଂସଦରେ ଓ ବିଧାନସଭା ମାନଙ୍କରେ ଏକ ତୃତୀୟାଂଶ ସ୍ଥାନ ମହିଳା ମାନଙ୍କ ପାଇଁ ସଂରକ୍ଷିତ ରହିବ। ଯେଉଁଥିରେ ଅନୁସୂଚୀତ ଜାତି ଓ ଜନଜାତିର ମହିଳା ମାନଙ୍କ ପାଇଁ ସେହି ବର୍ଗ ପାଇଁ ସଂରକ୍ଷଣ ଆସନର ଏକ ତୃତୀୟାଂଶ ଅନ୍ତର୍ଭୁକ୍ତ। ଏହା ମହିଳା ମାନଙ୍କର ରାଜନୈତିକ ଶକ୍ତିରେ ବୃଦ୍ଧି ଘଟାଇବ ଯାହା ଦେଶ ପାଇଁ ମଙ୍ଗଳପ୍ରଦ ହେବ। କାରଣ ରାଜନୈତିକ ସଶକ୍ତୀକରଣ ମହିଳା ମାନଙ୍କର ସାମଗ୍ରିକ ସଶକ୍ତୀକରଣକୁ ଏକ ଦୃଢ଼ ଭିତ୍ତି ଯୋଗାଇଥାଏ। ଏହାଦ୍ୱାରା ଅର୍ଥନୀତି ଓ ସମାଜର ପ୍ରତିଟି କ୍ଷେତ୍ରରେ ମହିଳା ମାନଙ୍କର ସକ୍ରିୟ ଅଂଶ ଗ୍ରହଣର ସହଯୋଗ ଆହୁରି ତ୍ୱରାନ୍ୱିତ ହେବ। ନିକଟରେ ଚନ୍ଦ୍ରଯାନ-୩ରେ ଏଥିରେ ୧୨୦ଜଣରୁ ଉର୍ଦ୍ଧ୍ୱ ମହିଳା ବୈଜ୍ଞାନିକ କାର୍ଯ୍ୟ କରିଥିଲେ। ଅନେକ ହୁଏତ ଜାଣିନଥାନ୍ତି ଜନସଂଖ୍ୟାର ଅର୍ଦ୍ଧାଧିକ ହୋଇଥିବା ମହିଳା ମାନଙ୍କର ଅନ୍ତର୍ନିହିତ ପାରଦର୍ଶିତା ସାମଗ୍ରିକ ଦକ୍ଷତା ଅନେକ କାର୍ଯ୍ୟରେ ବିନିଯୋଗ ହେଲେ ଭାରତ ଏକ ସଶକ୍ତ ଓ ସମୃଦ୍ଧ ରାଷ୍ଟ୍ରରେ ପରିଣତ ହେବା ଆଉ ଡେରି ନୁହଁ। ପ୍ରକାଶିତ ସୂଚନା ଅନୁସାରେ ବିଲଟି ଏବେ ପାରିତ ହେବା ପରେ ମଧ ମହିଳା ମାନଙ୍କ ପାଇଁ ଏହି ନୂତନ ସ୍ଥାନ ଆରକ୍ଷଣ ବ୍ୟବସ୍ଥା ୨୦୨୪ ସାଧାରଣ ନିର୍ବାଚନରେ କାର୍ଯ୍ୟକାରୀ ନ ହୋଇପାରେ। ଏହା ଅନୁଯାୟୀ ୨୦୨୬ରେ ନିର୍ବାଚନ କ୍ଷେତ୍ରମାନଙ୍କର ନୂତନ ସୀମା ନିର୍ଦ୍ଧାରଣ ବା ଡିଲିମିଟେସନ ସଂପୂର୍ଣ୍ଣ ହେବା ପରେ ଯାଇ ୨୦୨୯ର ସାଧାରଣ ନିର୍ବାଚନରେ ଏହା କାର୍ଯ୍ୟକାରୀ ହେବ। ଏଥିରେ କିନ୍ତୁ ସନ୍ଦେହ ନାହିଁ ଯେ ଥରେ ମହିଳା ମାନଙ୍କୁ ଆରକ୍ଷଣ ପ୍ରଦାନ ନିମିତତ ସଂବିଧାନରେ ସଂଶୋଧନ କରାଯିବା ପରେ ତାହା ମହିଳା ସଶକ୍ତୀକରଣ ଦିଗରେ ଯେଉଁଭଳି ଅତୁଳନୀୟ ତାତ୍ପର୍ଯ୍ୟ ବହନ କରିବ, ନୀତିନିୟମ ଦୃଷ୍ଟିରୁ ତାହା ଯେବେ ଠାରୁ କାର୍ଯ୍ୟକାରୀ ହେଲେ ମଧ ମହିଳା ମାନଙ୍କ ଦୃଷ୍ଟିରେ ତାହାର ପ୍ରଭାବ ଆଦୌ କ୍ଷୁର୍ଣ୍ଣ ହେବନାହିଁ। ୧୯୯୬ରେ ପ୍ରଥମ ଉଦ୍ୟମ ପରେ ୧୯୯୮, ୧୯୯୯ ଓ ୨୦୦୮ରେ ବିଲଟି ପାରିତ କରିବା ପାଇଁ ଉଦ୍ୟମ ହୋଇଥିଲେ ହେଁ ତାହା ଫଳବତୀ ହୋଇପାରି ନଥିଲା। ୨୦୧୦ରେ ବିଲଟି ରାଜ୍ୟସଭାରେ ପାରିତ ହୋଇଥିଲେ ହେଁ ତା ପରେ କେବେ ହେଲେ ଲୋକସଭାରେ ଉପସ୍ଥାପିତ ହୋଇପାରିନଥିଲା। ବର୍ତ୍ତମାନ ତେଣୁ ବିଲଟି ସଂସଦରେ ପାରିତ ହୋଇ ବଳବତ୍ତର ହୋଇଗଲେ ସେଥିପାଇଁ ଶାସକ ଭାରତୀୟ ଜନତା ପାର୍ଟି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଶ୍ଚିତ ଶ୍ରେୟ ଲାଭ କରିବେ।

୨୦୧୦ ବିଲଟି ରାଜ୍ୟସଭାରେ ପାରିତ ହେବା ଏକ ବିଶେଷ ତାତ୍ପର୍ଯ୍ୟ ବହନ କରିଥାଏ। ଲୋକସଭା ଓ ରାଜ୍ୟସଭା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଫରକ ହେଉଛି ଏହା ଯେ ଲୋକସଭା ପାଞ୍ଚ ବର୍ଷ ପାଇଁ ନିର୍ବାଚିତ ହୋଇ ଗଠିତ ହେଉଥିବାବେଳେ ରାଜ୍ୟସଭା ହେଉଛି ଏକ ସ୍ଥାୟୀ ଗୃହ। ଏହି କାରଣରୁ କୌଣସି ଏକ ବିଲ ରାଜ୍ୟସଭାରେ ଥରେ ପାରିତ ହୋଇଯିବା ପରେ ଯେତେ ଦିନ ବିତିଗଲେ ମଧ ତାହା ପୁନରାୟ ଆଉ ରାଜ୍ୟସଭାରେ ଉପସ୍ଥାପିତ ହେବା ଆବଶ୍ୟକ ହୋଇନଥାଏ। ଏଣୁ ସେଇ ବିଲଟି କେବଳ ଲୋକସଭାରେ ପାରିତ ହୋଇଗଲେ ଆଇନରେ ପରିଣତ ହୋଇଯାଏ। କିନ୍ତୁ ବର୍ତ୍ତମାନ କେନ୍ଦ୍ର କ୍ୟାବିନେଟ ଦ୍ୱାରା ଅନୁମୋଦିତ ହୋଇ ଯେଉଁ ବିଲଟି ଲୋକସଭାରେ ଉପସ୍ଥାପିତ ହୋଇଛି ସେଥିରେ ଯଦି କୌଣସି ପରିବର୍ତ୍ତନ କରାଯାଇଥାଏ, ତାହେଲେ ବିଲଟି ଲୋକସଭାରେ ପାରିତ ହେବା ପରେ ପୁଣି ରାଜ୍ୟସଭାରେ ପାରିତ ହେବାକୁ ପଡ଼ିବ। ଏଥର କିନ୍ତୁ କଂଗ୍ରେସ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଦଳମାନେ ମହିଳା ଆରକ୍ଷଣ ନିମିତ୍ତ ଜୋରଦାର ଦାବି କରି ଆସୁଥିବାରୁ ବିଲଟି ସୁରୁଖୁରୁରେ ଉଭୟ ଗୃହରେ ପାରିତ ହୋଇଯିବାର ଦୃଢ଼ ସମ୍ଭାବନା ରହିଛି।

ମହିଳା ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ସାରା ଦେଶ ପାଇଁ ଉଦାହରଣ। ରାଜ୍ୟର ମୋଟ ୨୧ ଲୋକସଭା ସାଂସଦଙ୍କ ମଧ୍ୟରେ ୭ଜଣ ମହିଳା। ସେଥିରେ ବିଜେଡ଼ିରୁ ୫ ଓ ବିଜେପିରୁ ୨ ମହିଳା ସାଂସଦ ଅଛନ୍ତି। ଏହି ସାତ ଜଣ ନେତ୍ରୀଙ୍କ ଭିତରେ ପ୍ରମିଳା ବିଶୋୟୀଙ୍କ ଭଳି ଅଣରାଜନୈତିକ ଗ୍ରାମୀଣ ମହିଳା ବି ଅଛନ୍ତି। ଗାଁରେ କାମ କରୁଥିବା ଗରିବ ପ୍ରମିଳାଙ୍କୁ ସାଂସଦ ପ୍ରାର୍ଥୀ କରି ବିଜେଡ଼ି ନାରୀ ସଶକ୍ତିକରଣର ବଡ଼ ବାର୍ତ୍ତା ଦେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଖାଲି ସେତିକି ନୁହେଁ, ମହିଳା ସଶକ୍ତୀକରଣ ଓ ମହିଳା ସଂରକ୍ଷଣ ଦାବି ତେଜି ଆସୁଥିବା ବିଜେଡ଼ି ଗତ ଲୋକସଭା ନିର୍ବାଚନରେ ୩୩% ମହିଳାଙ୍କୁ ଟିକଟ ଦେଇଥିଲା।


ବର୍ତ୍ତମାନ ଲୋକସଭାରେ ୪୬୪ ଜଣ ପୁରୁଷ ସାଂସଦ ଥିବାବେଳେ ମହିଳା ସାଂସଦଙ୍କ ସଂଖ୍ୟା ୭୮ ଜଣ। ଅର୍ଥାତ୍ ମହିଳାଙ୍କ ଭାଗିଦାରିତା ମାତ୍ର ୧୪% ରହିଛି। ଯେତିକି ମହିଳା ସାଂସଦ ଅଛନ୍ତି, ସେଥିରେ ଓଡ଼ିଶାର ଅଂଶ ସବୁଠୁ ଅଧିକ ରହିଛି। ଓଡ଼ିଶା ପଛକୁ ରହିଛି ଛତିଶଗଡ଼। ନାରୀଶକ୍ତି ସଂରକ୍ଷଣରେ ଓଡ଼ିଶା ସର୍ବାଗ୍ରେ ରହିଛି। ସଂସଦ ଓ ବିଧାନସଭା ଆସନରେ ୩୩% ମହିଳାଙ୍କୁ ସଂରକ୍ଷଣ ଦେବା ପାଇଁ ବିଜେଡ଼ି ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ କିଛି ବର୍ଷ ହେବ ଉଦ୍ୟମ ଚଳାଇ ଆସିଛନ୍ତି। ସବୁ ସ୍ତରରେ ଏ ନେଇ ବିଜେଡ଼ି ସ୍ୱର ଉଠାଇଛି। ନବୀନଙ୍କ ନିର୍ଦ୍ଦେଶରେ ବିଜେଡ଼ିର ପ୍ରତିନିଧି ଦଳ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଜାତୀୟ ଏବଂ ଆଞ୍ଚଳିକ ଦଳ ମୁଖ୍ୟଙ୍କୁ ଭେଟି ସମର୍ଥନ ମାଗିଛନ୍ତି। ମହିଳା ସଶକ୍ତିକରଣକୁ ସବୁବେଳେ ପ୍ରାଧାନ୍ୟ ଦେଇ ଆସୁଥିବା ନବୀନଙ୍କୁ ଓଡ଼ିଶାର ନାରୀ ଶକ୍ତି ସବୁବେଳେ ଆଶୀର୍ବାଦ ଦେଇ ଆସିଛନ୍ତି। ରାଜନୈତିକ ଭୋଟବ୍ୟାଙ୍କରେ ଏହି ମହିଳା ବିଲ ଲାଭଦାୟକ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରନ୍ତି। ସମସ୍ତ ଭୋଟ ସପକ୍ଷରେ ଯାଇଥିବାବେଳେ ମାତ୍ର ଦୁଇଟି ଭୋଟ ବିରୁଦ୍ଧରେ ଯାଇଛି। ମହିଳା ମାନଙ୍କ ଉଲ୍ଲେଖନୀୟ ଅଗ୍ରଗତି ଦ୍ୱାରା ନାରୀଶକ୍ତି ଆହୁରି ସଶକ୍ତ ହେବା ସହ ସମାଜର ସବୁକ୍ଷେତ୍ରରେ ଅତୁଳନୀୟ ସଫଳତା ନିଶ୍ଚିନ୍ତ ପାଇବେ ।

'ସାଇବିଥି' ୭ଡି/୧୩୫୪,
ସେକ୍ଟର-୯, ସିଡିଏ, କଟକ

## କବିତା କୋଣାର୍କ

### ଜୀବନର ସଞ୍ଜ ନଇଁ ଆସିଲାଣି

#### ନୀଳମଣି ଚାନ୍ଦ



ଜୀବନର ସଞ୍ଜ ନଇଁ ଆସିଲାଣି
ବେଳ ହୁଏ ରତରତ
ଏପାରି ଛାଡିବା ସମୟ ଆସିଲା
ଏ କଥାଟି ଖାଣ୍ଟି ସତ।

ଧନ ଅରଜନ କରିବାରେ ବେଳ
ଯିଏରେ କଟେଇ ଦେଲା
ଏବେ ବସି କାନ୍ଦେ ସବୁ ତ ଅଳିକ
କିଛି ଲାଭ ଯେ ନ ହେଲା।

ଦାନଧରମରେ ଗୋଟିଏ ଟଙ୍କା ବି
ଦିନେ ଯିଏ ଦେଇନାହିଁ
ସିଏ ଏବେ ଭାବେ ସ୍ତୁ ଯିବି ଛାଡ଼ି
ଅନ୍ୟମାନଙ୍କର ପାଇଁ।

ଗୋବିନ୍ଦ ନାମଟି ଧରିନି ଯେ ଦିନେ
କରିନାହିଁ ପୂଜା ପାଠ
ଏବେ କହେ ପ୍ରଭୁ ଅନ୍ତିମ କାଳରେ
ସୁଗମ କର ମୋ ବାଟ।

ଜୀବନର ସଞ୍ଜ ନଇଁ ଆସିଲାଣି
ସରିଯିବ ସବୁ ଖେଳ
ମଞ୍ଚ ଛାଡି ଯିବି ସବୁଦିନ ପାଇଁ
ପାଖେଇ ଆସୁଛି ବେଳ।

ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

### କ୍ରମଶଃ

#### ଡ଼ ଦୀପକ କୁମାର ମିଶ୍ର

ଶବ୍ଦମାନଙ୍କୁ ବୁଝେଇଶୁଝେଇ
ଅଧବାଟ ଦୋଛକିରେ ଭାବନାକୁ
କୀଳି
ବୁଲୁଚ ସ୍ରଷ୍ଟା ତମେ ଇନ୍ଦ୍ରାଇଜରେ
ଅବା କେଉଁ ନିଶୁନ
ଶ୍ମଶାନଘାଟରେ ।

ମତେ ସନ୍ଧିଟିଏ ସଜେଇ
ଜଗେଇଦେଇଛ କିଛି ଅନୁଚ୍ଛେଦ
ଅନ୍ତେ
ତମ ଆସିବା ଅପେକ୍ଷାରେ
ମୁଁ ଅନିଦ୍ରା ଅନେକ ଯୁଗରୁ
ଏଇ ତୁମ ଅଧାଗଢ଼ା କୋଣାର୍କ
ମୁହଁରେ।

ନଈ ଆଉ ମିଶେ ନାହିଁ ଦୂର
ସମୁଦ୍ରରେ
ବର୍ଷା ଆଉ ଚୁମେ ନାହିଁ ମାଟି
ସବୁ ସମ୍ପର୍କ ଏମିତି ଅଧାପନ୍ତରିଆ
ମିଳନ ନାହିଁ କି ବିଚ୍ଛେଦ ବି ନାହିଁ
ହଜିଯାଇଛନ୍ତି ସମସ୍ତ ଚରିତ୍ର
ଅଭାବପଣର ଅନ୍ଧାରି ହାଟରେ ।

ପଥଭ୍ରଷ୍ଟ ହୋଇ ଅମଡ଼ାବାଟର
ଜଣେ ଜଣେ ପଥିକ ସଭିଏଁ
ମାଧ୍ୟାକର୍ଷଣ ଶକ୍ତିର ନିଶା ଏମିତି
ଘାରିଚି ଯେ
ଫେରିବାର ଆଶା
ଏଇ ନିକଟ ଭବିଷ୍ୟତରେ
କାହିଁ ଆଉ ପ୍ରତ୍ୟୟ ହୁଏ ନାହିଁ
ବୋଧେ ।

ଯୁଦ୍ଧକୁ ଗଲାପୁଅ ଆଉ ଫେରେ ନାହିଁ
ବିଦେଶାଗତ ପକ୍ଷୀ ଭୁଲିଯାଏ
ନିଜ ନୀଡ଼କୁ ଫେରିବାର ବାଟ
ମଣିଷ ସମ୍ପର୍କ ଭିତରେ
ପ୍ରେମ, ଘୃଣା, ପ୍ରତାରଣା
ଝୁଲେ ତ୍ରିଶଙ୍କୁ ଅବସ୍ଥାରେ
କଢ଼ି ଫୁଟି ଆଉ ଫୁଲ ହୁଏ ନାହିଁ
ମେଘ ତଳେ ହଜିଥିବା ଜହ୍ନର ହସ
ହସ ମୁହଁ
ଆଉ ତ ଜମା ଦିଶେ ନାହିଁ ।

ବିନ୍ଦୁ ଯେତେ ଭାଙ୍ଗି ଗଢ଼ିଦିଅ ସମ୍ପୂର୍ଣ୍ଣ
ଦେଉଳ
ଅବା ଡାକିଦିଅ ଗୋଟେ ଦୁର୍ଦ୍ଧର୍ଷ
କଳାପାହାଡ଼
ପାରେ ନାହିଁ ଜଗି ଆଉ
ତୁମର ଅର୍ଥହୀନ ସର୍ଜନାର ଗଡ଼ ।

ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

### ଅନେକ ସକାଳ ଅପେକ୍ଷାରେ

#### ସୁମିତା ବେହେରା



ଯଦି ଅନେକ ଉଜ୍ଜ୍ୱଳ ସକାଳଙ୍କୁ
ଶୁଆଇ ଦିଆ ଯାଇଛି
ଅତୀତର ଖୋପରେ,
ଦୃଷ୍ଟି ବାଧିତ
ଶ୍ରବଣହୀନତାର
ଜୀବନ୍ତ ମୂର୍ତ୍ତି ଆଗରେ
ଭାଗ୍ୟ ଓ ଭବିତବ୍ୟକୁ ଗଢା ଯାଉଛି
ଥୁରୁ ଥୁରୁ ହାତରେ
କିଏ ସେ ରୂପକାର
କିଏ ପୁଣି ଅମାପ ଅନ୍ଧକାର
କିଏ ବନ୍ଦୀ
ପ୍ରତିଶ୍ରୁତିର ବିଜନ କାରାଗାରେ ।

ଦେଖ ଏବେ,
ଦିଗବଳୟରେ
ଲାଲ ଟହଟହ କୀର୍ତ୍ତିର ଆଲୋକ
ଦୋଦୋପାଞ୍ଚ ହୁଏ,
କାଳକ୍ରମେ ପାଉଁଶିଆ ହୁଏ ଅତୀତ
ବଡ ପାଟିକରି କାନ୍ଦିଲେ ବି
ଶୁଭେନାହିଁ
ଅଣନିଃଶ୍ୱାସ ସବୁ ଏକତ୍ର
ବିଦ୍ରୋହରେ
ସାମର୍ଥ୍ୟ ଏବେ ନିର୍ଦ୍ଦୟ ଭାବରେ
ଗଭୀର ନିଦରେ ।

ପ୍ରକୃତ ପକ୍ଷେ,
ମୁଁ କିଏ ବୋଲି ଭାବି ନାହିଁ, କି
ଦେଖୁନାହିଁ ମୋର ଅତୀତ
ମୋ ପାଖେ ନାହିଁ ସ୍ୱପ୍ନ
ସୀମା ବହିର୍ଭୂତ ବା
ଲୋଚାକୋଚା କେଉଁ ଭବିଷ୍ୟତ ।
ବରଂ,
ନଗଣ୍ୟତାର ମଳିନତାରେ
ମହାଶୂନ୍ୟରେ ଲଟକିଛି ଭାଗ୍ୟ
କ୍ଷୁଦ୍ରାଦପି କ୍ଷୁଦ୍ର ଅଭିଳାଷକୁ
ଶୁଆଇ ଦେଇ ଖଟିଆରେ
ମୁଁ ଏବେ ବି ଅନେକ ସକାଳ
ଅପେକ୍ଷାରେ ।


ବାରିପଦା
ମୋ: ୬୩୭୨୮୫୬୯୯୪

### ଆଖିର ଭାଷା

#### ସନ୍ତୋଷ କୁମାର ଅଦାବର

ରାଗ ସମୟରେ ଅବା ଆଶ୍ଚର୍ଯ୍ୟରେ
ବଡ଼ ବଡ଼ ହୁଏ ଆଖି
ଖୁସି ବେଳେ ଛୋଟ ଛୋଟ ଦିଶେ
ଆଖି
ଖୁସିର ରଙ୍ଗକୁ ମାଖି ।
ଦୁଃଖ ସମୟରେ ଧାର ଧାର ହୋଇ
ଝରାଏ ଦି' ଧାର ଲୁହ
ଲୁହ ଝରି ଆଖି ନାଲି ଦିଶିଲେ ବି
ଛାତିରୁ ସରେନି କୋହ ।
ଅତି ଖୁସି ହେଲେ ଦୁଇ ବୁନ୍ଦା ଅଶ୍ରୁ
ଦୁଇ ଆଖିରୁ ଝରଇ
ସେ ସମୟେ ଆଖି ଭାଷା ବର୍ଣ୍ଣିବାକୁ
ଶବ୍ଦ ଖୋଜା ପଡ଼େ ଭାଇ ।
ଅଭିମାନ ବେଳେ ଆଖିର ଗତିଟି
ଯାଉଥାଏ ବାଙ୍କ ହୋଇ
ପ୍ରଥମ ପ୍ରେମର ପ୍ରଥମ ଦେଖାରେ
ଆଖିରେ ଆଖି ମିଶଇ ।
ଆଖିର ଭାଷାକୁ ଶବ୍ଦରେ ପ୍ରକାଶ-
କରିବା ନୁହେଁ ସହଜ
ସ୍ଥାନ, କାଳ ଜାଣି ଇଶାରା ଦିଏ ସେ
ନିଜ ମନ ଓ ହୃଦୟ ।
ଓଁ

ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮






# ରାଘବ-ପରିଣୀତିଙ୍କ ପରିଣୟ ପାଇଁ ଭବ୍ୟ ପ୍ରସ୍ତୁତି : ଲେକ୍ ପ୍ୟାଲେସ୍‌ରୁ ଲୀଳା ପ୍ୟାଲେସ୍







ଆସନ୍ତା ୨୪ ତାରିଖରେ ରାଜସ୍ଥାନର ଉଦୟପୁରଠାରେ ଅଭିନେତ୍ରୀ ପରିଣୀତି ଚୋପ୍ରା ଓ ରାଜନେତା ରାଘବ ଚଡ୍ଢାଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବ। ସେଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଶେଷ ପର୍ଯ୍ୟନ୍ତ ବିବାହ ତାରିଖ ଓ ବିବାହସ୍ଥଳ ବାବଦରେ ଏହି ଦମ୍ପତି ମୁହଁ ଖୋଲିନାହାନ୍ତି, ତଥାପି ଆଉ କିଛି ଅଛପା ରହି ନାହିଁ। ଉଦୟପୁରର ହୋଟେଲ 'ଲେକ୍ ପ୍ୟାଲେସ୍'ରୁ ରାଘବଙ୍କ ବରଯାତ୍ରୀଗଣ ଡଙ୍ଗା ଯୋଗେ ବରାନୁଗମନ କରି 'ହୋଟେଲ ଲୀଳା ପ୍ୟାଲେସ୍'ରେ ପହଞ୍ଚିବେ। ସେଦିନ ଅପରାହ୍ଣ ୩ଟାରେ ବରକନ୍ୟା ବାହାବେଦି ପ୍ରଦକ୍ଷିଣ କରିବେ। ନବେ ଦଶକର ଗୀତ ସମ୍ଭାରକୁ ଭିତ୍ତି କରି ପରିଣୀତିଙ୍କ ସଂଗୀତ କାର୍ଯ୍ୟକ୍ରମ ହେବ। ପ୍ରାୟ ୨୦୦ ଜଣ ଅତିଥିଙ୍କ ପାଇଁ 'ହୋଟେଲ ଲୀଳା ପ୍ୟାଲେସ୍'ରେ ରହଣି ବ୍ୟବସ୍ଥା ହୋଇଛି। ବରଯାତ୍ରୀଙ୍କୁ ରାଜସ୍ଥାନୀ ସଂସ୍କୃତି ଓ ପରମ୍ପରାରେ ସ୍ୱାଗତ କରାଯିବ। ବିବାହ ମଣ୍ଡପକୁ ସଜାଇବା ଲାଗି କୋଲକାତା ଓ ଦିଲ୍ଲୀରୁ ସ୍ୱତନ୍ତ୍ର ଧରଣର ଧଳା ରଙ୍ଗର ଫୁଲମାନ ମଗାଯାଇଛି। ପ୍ରୀତିଭୋଜନରେ ବିଭିନ୍ନ ପ୍ରକାର ପଞ୍ଜାବୀ ଓ ରାଜସ୍ଥାନୀ ବ୍ୟଞ୍ଜନ ପରଷାଯିବ। ସୂଚନାଯୋଗ୍ୟ, ଚଳିତବର୍ଷ ପ୍ରାରମ୍ଭରେ ମୁମ୍ବାଇର ଏକ ଭୋଜନାଳୟରେ ପରିଣୀତି ଓ ରାଘବ ଏକାଠି ବସି ଖାଉଥିବାର ଫଟୋ ପ୍ରସାରିତ ହେଲା ପରେ ସେମାନଙ୍କ ଭିତରେ ପ୍ରେମସମ୍ପର୍କ ଗଢ଼ି ଉଠିଥିବା ଚର୍ଚ୍ଚା ହୋଇଥିଲା। ସେହିପରି ପରେ ଉଭୟଙ୍କୁ ବିମାନ ବନ୍ଦରରେ ଓ ଏକ ଆଇପିଏଲ୍ ମ୍ୟାଚ୍‌ରେ ଏକାଠି ଦେଖିବା ଘଟଣା ଏହି ଚର୍ଚ୍ଚାକୁ ଆହୁରି ରୋଚକ କରିଦେଇଥିଲା। ତେବେ ଗତ ମେ' ମାସରେ ଦିଲ୍ଲୀର କପୁରତାଲା ଭବନଠାରେ ସେମାନଙ୍କ ମୁଦିପିନ୍ଧା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମାତ୍ର ବିବାହ ତାରିଖ ସମ୍ପର୍କରେ କୌଣସି ସୂଚନା ମିଳିନଥିଲା। ତେବେ ଆସନ୍ତା ୩୦ ତାରିଖରେ ଚଣ୍ଡୀଗଡ଼ଠାରେ ରାଘବଙ୍କ ପରିବାର ପକ୍ଷରୁ ବିବାହ ଭୋଜି ଦିଆଯାଉଛି ବୋଲି ଏକ ନିମନ୍ତ୍ରଣପତ୍ର ଚଳିତ ମାସ ପ୍ରାରମ୍ଭରେ ବଣ୍ଟାଯିବା ପରେ ସମସ୍ତ ଚଳଚଞ୍ଚଳତା ସାମନାକୁ ଆସିଥିଲା।



# 'ପରଦାରେ ଅନେକ ବଡ଼ବଡ଼ ଷ୍ଟାରଙ୍କୁ ମାରି ଦୁଃଖୀ କରି ଦେଇଥାଆନ୍ତି ଆଟଲି' : ଦର୍ଶକ

ଆଟଲିଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଯବାନ'ରେ ଅନେକ ଟୁଇଷ୍ଟ ଓ ଟର୍ଣ୍ଣ ଅଛି। ସିନେମାର ପ୍ରଥମ ଦୃଶ୍ୟରୁ ହିଁ ଦର୍ଶକ ବାନ୍ଧି ହୋଇଯାଉଛନ୍ତି। ଫିଲ୍ମର ପ୍ରତ୍ୟେକ ପାର୍ଟରେ ଏପରି ଆଶ୍ଚର୍ଯ୍ୟଜନକ ଘଟଣା ରହିଛି, ଯାହା ଆପଣଙ୍କ ଭିତରେ ପରବର୍ତ୍ତୀ ସମୟରେ କ'ଣ ହେବ ତାହାକୁ ନେଇ କୌତୂହଳ ସୃଷ୍ଟି କରୁଛି।

'ଯବାନ'ରେ ଦୀପିକା ପାଦୁକୋନ ଏବଂ ସଞ୍ଜୟ ଦତ୍ତଙ୍କ ଭଳି କଳାକାରଙ୍କ ସରପ୍ରାଇଜ୍ ଏଣ୍ଟ୍ରି ବି ଦର୍ଶକଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏତଦ ବ୍ୟତୀତ ଦୀପିକାଙ୍କ ମୃତ୍ୟୁ ବି ଦର୍ଶକଙ୍କୁ ଦୁଃଖୀ କରି ଦେଉଛି।

'ଯବାନ' ସିନେମାରେ ଦୀପିକାଙ୍କ ମୃତ୍ୟୁକୁ ଦେଖିବା ପରେ ଦର୍ଶକ ଆଟଲିଙ୍କୁ ଥଟ୍ଟା କରିଛନ୍ତି। ଆଉ କହିଛନ୍ତି, 'ନିର୍ଦ୍ଦେଶକ ଆଟଲି ପରଦାରେ ଅନେକ ଷ୍ଟାରଙ୍କୁ ମାରି ଦେଇଛନ୍ତି। ଯେମିତି କି 'ଯବାନ' ସିନେମାରେ ଦୀପିକା ପାଦୁକୋନଙ୍କୁ, ଡେବ୍ୟୁ ସିନେମା 'ରାଜାରାଣୀ'ର ମୁଖ୍ୟ ଭୂମିକାରେ ଥିବା ନଜରିୟା ନାଜିମଙ୍କୁ ବି ପରଦାରେ ଆଟଲି ମାରି ଦେଇଛନ୍ତ। ସେହିପରି ସିନେମା 'ଥେରି'ରେ ସମାନ୍ଥଙ୍କୁ, 'ମିର୍ସଲ' ଓ 'ବିଗିଲ'ରେ ଥଲପତି ବିଜୟଙ୍କୁ ପରଦାରେ ହତ୍ୟା କରିଥିଲେ ଆଟଲି।'

ତେବେ ଆଟଲିଙ୍କ ନିର୍ଦ୍ଦେଶିକ ସିନେମାର କାହାଣୀ ସ୍ୱତନ୍ତ୍ର ଥାଏ। ତ ?ାଙ୍କର ପ୍ରତିଟି ସିନରେ କିଛି ନା କିଛି ଟୁଇଷ୍ଟ ଥାଏ। ଯାହାକି ଦର୍ଶକଙ୍କୁ ବାନ୍ଧି ରଖିଥାଏ। ଯାହାଫଳରେ ଦର୍ଶକ ସିନେମାଟିକୁ ପୂରା ଦେଖିବା ପର୍ଯ୍ୟନ୍ତ ବସି ରହିଥାଆନ୍ତି। ସିନେମାଟିକୁ ଶେଷ ପର୍ଯ୍ୟନ୍ତ ଦେଖିବା ପରେ ଦର୍ଶକ ଖୁସି ହୋଇ ପ୍ରେକ୍ଷାଳୟରୁ ବାହାରି ଥାଆନ୍ତି। ଆଉ ଆଟଲିଙ୍କ ନିର୍ଦ୍ଦେଶନାକୁ ଖୁବ ପ୍ରଶଂସା କରିଥାଆନ୍ତି।

# ସଫଳ ନୃତ୍ୟ ଶିଳ୍ପୀ ସନ୍ତୋଷ କୁମାର ବାରିକ



ଓଡିଶାର କଳା ସଂସ୍କୃତି କ୍ଷେତ୍ରରେ ଯେଉଁ ନୃତ୍ୟ ଶିଳ୍ପୀ ମାନେ ନୃତ୍ୟ ପରିବେଷଣ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ସେମାନଙ୍କ ମଧ୍ୟରେ ସନ୍ତୋଷ ବାରିକ ଅନ୍ୟତମ । ୧୯୮୯ ମସିହାରେ ସନ୍ତୋଷ ଧାମରା ନିକଟସ୍ଥ କଇଥ ଖୋଲା ଠାରେ ଜନ୍ମ ଲାଭ କରନ୍ତି । ବର୍ତମାନ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ କିସ୍ମତ କୃଷ୍ଣପୁର ପଂଚାୟତ ରେ ସନ୍ତୋଷ ପରିବାର ସହ ବାସ କରୁଛନ୍ତି । ସନ୍ତୋଷଙ୍କ ପିତା କମଳାକାନ୍ତ ବାରିକ ଓ ମାତା ଉର୍ମିଳା ବାରିକ । ଓଡିଶା ର ବଡ଼ ବଡ଼ ଯାତ୍ରା ପାର୍ଟି ବାଘା ଯତୀନ ଲୋକନାଟ୍ୟ, ପାର୍ବତୀ ଗଣନାଟ୍ୟ, ମୁକ୍ତେଶ୍ୱର ଅପେରା, ବିଶ୍ୱ ରଙ୍ଗ ମହଲ ରେ ସନ୍ତୋଷ ଜଣେ ଦକ୍ଷ ନୃତ୍ୟ ଶିଳ୍ପୀ ଭାବେ କାର୍ଯ୍ୟ କରିଛନ୍ତି ଓ ସଫଳତା ଲାଭ କରିଛନ୍ତି । ସନ୍ତୋଷଙ୍କ ଗୁରୁ ହେଲେ ବିଶିଷ୍ଟ ଓଡିଶୀ ନୃତ୍ୟ ଶିଳ୍ପୀ ନିତ୍ୟାନନ୍ଦ ଦାସ । ଜଣେ ଆଗ ଧାଡ଼ିର ଡ୍ୟାନ୍ସ କୋରିଓ ଗ୍ରାଫର ଭାବେ ସନ୍ତୋଷ ସୁନାମ ଅର୍ଜନ କରିଛନ୍ତି । ଅନେକ ଆଲବମ ରେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି । ବାସୁଦେବପୁର ରେ ମହାବୀର ଡ୍ୟାନ୍ସ ସ୍କୁଲ ରେ ଶ୍ରୀ ବାରିକ ପିଲା ମାନଙ୍କୁ ନୃତ୍ୟ ଶିଖାଉଛନ୍ତି ଓ ସମସ୍ତ ଦାୟିତ୍ୱ ସମ୍ପନ୍ନ କରୁଛନ୍ତି । ଭବିଷ୍ୟତରେ ସନ୍ତୋଷ ଏକ ବଡ଼ ଧରଣର ସଂଗୀତ ବିଦ୍ୟାଳୟ ପ୍ରତିଷ୍ଠା କରିବେ ବୋଲି ମନରେ ଦୃଢ ଆଶା ବାନ୍ଧି ଛନ୍ତି । ଶହ ଶହ ପିଲାମାନେ ତାଙ୍କ ଠାରୁ ନୃତ୍ୟ ଶିକ୍ଷା କରୁଛନ୍ତି । କିସ୍ମତ କୃଷ୍ଣପୁର ପଂଚାୟତର କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠର ପିଲା ମାନଙ୍କୁ ସୁରଭି ପ୍ରୋଗ୍ରାମ ପାଇଁ ଶ୍ରୀ ବାରିକ ମଧ୍ୟ ନାଚ ଶିଖାଇ ଥାନ୍ତି । କ୍ଷେତ୍ରବାସୀ ର ଛାତ୍ର ଛାତ୍ରୀ ମଧ୍ୟ ପ୍ରତିଯୋଗିତା ରେ ସଫଳତା ପାଇଛନ୍ତି । ଏଥି ପାଇଁ କ୍ଷେତ୍ରବାସୀ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ରାଜେଶ ବେହେରା, ସହକାରୀ ଶିକ୍ଷକ ବଳରାମ ବାରିକ, ରାକେଶ ନାୟକ, ପ୍ରତାପ ବାରିକ ପ୍ରମୁଖ ସନ୍ତୋଷ ଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହା ବ୍ୟତୀତ ଶିଶୁ ବିହାର, ରାମକୃଷ୍ଣ ବିଦ୍ୟା ନିକେତନ, ରୟାଲ ସ୍କୁଲ, ତୃପ୍ତି ମହିଳା ମହାବିଦ୍ୟାଳୟ, ଅଟଳବିହାରୀ କଲେଜ ବାସୁଦେବପୁର ପ୍ରଭୃତି ଅନୁଷ୍ଠାନ ରେ ଶ୍ରୀ ବାରିକ କାର୍ଯ୍ୟ କରିଛନ୍ତି । ଅନେକ ସରକାରୀ ପ୍ରଗ୍ରାମ ରେ ଶ୍ରୀ ବାରିକ ଅଂଶ ଗ୍ରହଣ କରୁଛନ୍ତି । ଈଶ୍ୱରଙ୍କ କୃପାରୁ ସନ୍ତୋଷଙ୍କ ଭବିଷ୍ୟତ ର ଚଲାପଥରେ ପୁଷ୍ପ ବୃଷ୍ଟି ହେଉ।

ଉପସ୍ଥାପନା:
ପ୍ରଦୀପ୍ତ ମହାନ୍ତି
ସମ୍ପାଦକ ରଙ୍ଗରାଗ, ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ,
ମୋ : ୯୯୩୭୯୭୬୩୫୧ , ୭୦୦୮୬୪୧୮୫୨


# ଜଣାପଡ଼ିଲା ସତ: ସାମ୍ନାକୁ ଆସିଲା ସାଇ ପଲ୍ଲବୀଙ୍କ ଭାଇରାଲ୍ ବିବାହ ଫଟୋର ରହସ୍ୟ



ଜଣାଶୁଣା ସାଉଥ ଅଭିନେତ୍ରୀ ସାଇ ପଲ୍ଲବୀ ଆଜିକାଲି ଚର୍ଚ୍ଚାରେ ରହିଛନ୍ତି। ଶୁଣିବାକୁ ମିଳୁଛି ଯେ ସେ କୁଆଡ଼େ ବିବାହ କରି ପକାଇଛନ୍ତି। ସେ ଅଧିକାଂଶ ସମୟରେ ବିନା ମେକ୍‌ଅପ୍‌ରେ ସର୍ବସାଧାରଣରେ ନଜର ଆସୁଥିବା ବେଳେ ତାଙ୍କ ସେ ?ନ୍ଦର୍ଯ୍ୟର ଯାଦୁରେ ଅନ୍ୟ ଅଭିନେତ୍ରୀମାନଙ୍କୁ ପଛରେ ପକାଇ ଦିଅନ୍ତି। ସାଉଥ ସିନେମାର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ହୋଇଥିବା ବେଳେ ତାଙ୍କର ଅଭିନୟ ଏବଂ ନୃତ୍ୟ ଦକ୍ଷତାକୁ ମଧ୍ୟ ଅନେକ ଗ୍ରହଣୀୟତା ମିଳିଛି। ନିକଟରେ ଅଭିନେତ୍ରୀଙ୍କର ଗୋଟିଏ ଫଟୋ ଭାଇରାଲ ହେବାରେ ଲାଗିଛି। ସେ ବିବାହ କରିଛନ୍ତି ବୋଲି ଏହି ଫଟୋକୁ ଦେଖିବା ପରେ ଦାବି କରାଯାଉଛି। ଆସନ୍ତୁ ଆପଣଙ୍କୁ ସତ କ'ଣ ! ଭାଇରାଲ୍ ହୋଇଥିବା ଫଟୋରେ ଅଭିନେତ୍ରୀ ଜଣେ ପୁରୁଷଙ୍କ ସହିତ ନଜର ଆସିଛନ୍ତି। ସେ ଦୁହେଁ ବେକରେ ଫୁଲମାଳ ପକାଇଥିବା ଦୃଶ୍ୟମାନ ହୋଇଛି। ଏହା ବ୍ୟତୀତ ଉଭୟଙ୍କ କପାଳରେ ତିଳକ ଅଛି, ଯେପରି ସେମାନେ ଅତ୍ୟନ୍ତ ସାଧାସିଧା ଭାବେ ପରସ୍ପରଙ୍କୁ ବିବାହ କରିଛନ୍ତି। ଏହି ଫଟୋଟିକୁ ଯିଏ ସୋସିଆଲ୍ ମିଡିଆରେ ସେୟାର କରିଥିଲେ ସେ ଲେଖିଥିଲେ, ''ଶେଷରେ ଅଭିନେତ୍ରୀ ବିବାହ କରିଛନ୍ତି। ଏହା ପ୍ରମାଣିତ ହେଲା ଯେ ପ୍ରେମର କୌଣସି ରଂଗ ନାହିଁ। ସାଇ ପାଲ୍ଲବୀଙ୍କୁ ନମସ୍କାର''। ଏହା ପରେ ଲୋକମାନେ ଅଭିନନ୍ଦନ ଜଣାଇବା ଆରମ୍ଭ କରିଦେଲେ। ହେଲେ ଏବେ ଏହି ଫଟୋ ପଛର ସତ ଜଣା ପଡ଼ିଯାଇଛି। ଅଭିନେତ୍ରୀ ବିବାହ କରିନାହାନ୍ତି, ବରଂ ଏହା ତାଙ୍କର ଏକ ଫିଲ୍ମ ସୁଟିଂ ବେଳର ଫଟୋ। ତାଙ୍କ ସହ ଫଟୋରେ ଅଛନ୍ତି ଅଭିନେତା ଶିବାକର୍ତ୍ତିକେୟାନ୍।

# ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ମାଗିଲେ ଅନିଲ୍ କପୁର୍

ବଲିଉଡ ଅଭିନେତା ଅନିଲ କପୁର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଅଦାଲତରେ ଏକ ଆବେଦନ କରିଛନ୍ତି। ଏହି ଆବେଦନରେ ଅନିଲ କପୁର ନିଜର ବ୍ୟକ୍ତିଗତ ଅଧିକାରର ସୁରକ୍ଷା ପାଇଁ ଗୁହାରି କରିଛନ୍ତି। କାରଣ ସୋସିଆଲ ମିଡିଆ ପ୍ଲାଟଫର୍ମରେ ତାଙ୍କ ନାମ ଓ ପରିଚୟକୁ ନେଇ ଅପବ୍ୟବହାର କରାଯାଉଛି। ଯଦ୍ୱାରା ତାଙ୍କର ସମାଜରେ ସମ୍ମାନ ହାନୀ ହେଉଛି ଓ ବ୍ୟକ୍ତିତ୍ୱ ଉପରେ ବି ଏହାର ଖରାପ ପ୍ରଭାବ ପଡୁଛି ବୋଲି ଅଭିନେତା ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି। ଅନିଲ ନିଜ ଆବେଦନରେ ଅଭିଯୋଗ କରି କହିଛନ୍ତି କି, 'ଭିନ୍ନିଭନ୍ନ ପ୍ଲାଟଫର୍ମରେ ମୋର ନାମ, ସ୍ୱର, ଓ ଫ ?ଟୋର ଅପବ୍ୟବହାର କରାଯାଉଛି। ଏହା ଆଇନ ସଙ୍ଗତ ନୁହେଁ। ଏତଦ ଦ୍ୱାରା ମୋର ବ୍ୟକ୍ତିତ୍ୱ ଉପରେ ଖରାପ ପ୍ରଭାବ ପଡୁଛି। ଏଥିପାଇଁ ମୁଁ ପ୍ରାୟତଃ ଚିନ୍ତାରେ ରହୁଛି। ଦୟାକରି ମୋତେ ନ୍ୟାୟ ଦିଅନ୍ତୁ। ଏସବୁ ଘଟଣା ଉପରେ ଅଙ୍କୁଶ ଲଗାଯାଉ। ମୋର ସମ୍ମାନ ହାନୀ ହେବାକୁ ଦିଅନ୍ତୁ ନାହିଁ। କାରଣ ସମାଜରେ ଭଲ ପରିଚୟ ସୃଷ୍ଟି କରିବାକୁ ହେଲେ ଅନେକ ସମୟ ଲାଗିଥାଏ। ତେଣୁ ମୋର କିଛି ଭୁଲ ନଥାଇ ବି ଅସାମାଜିକ ଲୋକଙ୍କ ପାଇଁ ସମ୍ମାନ ହାନୀ ହେଉଛି।' ତେବେ ଏସବୁ ଅନିଲ କପୁରଙ୍କ ସହିତ ପ୍ରଥମଥର ଘଟିନାହିଁ। ଏହାପୂର୍ବରୁ ବିଗ ବି ଅମିତାଭ ବଚ୍ଚନଙ୍କ ସହିତ ଏମିତ ଘଟଣା ଘଟି ସାରିଛି। ସେ ବି ଏସବୁ ଉପରେ ଅଙ୍କୁଶ ଲଗାଇବ ?କୁ କୋର୍ଟରେ ଗୁହାରି କରିଥିଲେ।



# ବଙ୍ଗୋପସାଗରରୁ ନୂତନ ପ୍ରଜାତିର ମାଛ



ଗୋପାଳପୁର, ୨୧/୦୯ (ନି.ପ୍ର): ଭାରତୀୟ ପ୍ରାଣୀବିଜ୍ଞାନ କେନ୍ଦ୍ର ପକ୍ଷରୁ ବଙ୍ଗୋପସାଗରରେ ଏକ ନୂତନ ପ୍ରଜାତିର ମାଛ ଚିହ୍ନଟ କରାଯାଇଛି। ଏହି ସାମୁଦ୍ରିକ ମାଛଟି ଟେରିଗୋଟ୍ରିଗାଲ୍ ପ୍ରଜାତିର ହୋଇଥିବା ବେଳେ ଏହା ଭାରତର ପୂର୍ବ ଉପକୂଳର ଦୀଘା ମୁହାଣରୁ ୨୦୧୮ ମସିହାରେ ୨୪ଟି ନମୁନା ସଂଗ୍ରହ କରାଯାଇଥିଲା। ସାମୁଦ୍ରିକ ମାଛଟି କମଳା ରଙ୍ଗର ହୋଇଥିବା ବେଳେ ମଝିରେ କଳା ଛିଟା ରହିଛି, ଏଥିରେ ୨ଟି କଣ୍ଟା ରହିଥିବା ଗବେଷଣା ବେଳେ ଜଣାପଡ଼ିଛି। ଗୋପାଳପୁରସ୍ଥିତ ଜେଡ୍ଏସ୍ଆଇ କେନ୍ଦ୍ରର ବୈଜ୍ଞାନିକ ଡ. ଅନିଲ ମହାପାତ୍ରଙ୍କ ତତ୍ତ୍ୱାବଧାନ ଏବଂ ଶୁଭେନ୍ଦୁ ଶେଖର ମିଶ୍ର, ବାଜକୁଳ ମିଳନୀ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ. ଦୀପାଞ୍ଜନ ରାୟ, ଗବେଷକ ସନମିତ୍ରା ରୟ ଏବଂ ଅଙ୍କିତା ମିଶ୍ରଙ୍କ ମିଳିତ ସହଯୋଗରେ ମାଛର ପରୀକ୍ଷା ହୋଇଥିଲା। ସଂପୂର୍ଣ୍ଣ ପରୀକ୍ଷା ପାଇଁ ପ୍ରାୟ ୫ବର୍ଷ ସମୟ ଲାଗିଥିଲା। ଏହି ସାମୁଦ୍ରିକ ମାଛର ନାମ ଟେରିଗୋଟ୍ରିଗ୍ଲା ଇଣ୍ଟରମେଡ଼ିକା ରଖାଯାଇଥିବା ବୈଜ୍ଞାନିକ ଡା. ମହାପାତ୍ର କହିଛନ୍ତି। ୨୦୧୮ ଅକ୍ଟୋବର ୨୦ ତାରିଖରେ ସହକାରୀ ପ୍ରଫେସର ଦୀପାଞ୍ଜନ ରୟଙ୍କ ଦ୍ୱାରା ଏହି ମାଛଟି ସଂଗୃହୀତ ହୋଇଥିଲା। ମାଛର ନାମକରଣ ଟେରିଗୋଟ୍ରିଗ୍ଲା ଇଣ୍ଟରମେଡିକା ରଖାଯିବାର କାରଣ ଏହାର ଏକ ଲମ୍ବା ଅପରକୁଲାର ମେରୁଦଣ୍ଡ ଏବଂ ଏକ ଅତି କ୍ଷୁଦ୍ର କ୍ଲିଥ୍ରାଲ୍ ମେରୁଦଣ୍ଡରେ ୨୭ଖଣ୍ଡ ହାଡ଼ ରହିଛି। ମୁଣ୍ଡ ଚେପଟା, ଏହି ମାଛର କଣ୍ଟା ବିଷାକ୍ତ।

# ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ପ୍ରକୃତ ସଂଖ୍ୟା କେତେ ? ଏଲିସା ଓ କାର୍ଡ ପରୀକ୍ଷାକୁ ନେଇ ଲୋକ ଦ୍ୱନ୍ଦ୍ୱରେ

ଭୁବନେଶ୍ୱର, ୨୧/୦୯ (ନି.ପ୍ର): ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ପ୍ରକୃତ ସଂଖ୍ୟା କେତେ ? ସରକାରୀଭାବେ ଏହା ସାଢ଼େ ୬ହଜାର ହୋଇଥିଲେ ହେଁ ପ୍ରକୃତରେ ଏହାଠାରୁ ଢେର ଅଧିକ। କାରଣ ରାଜ୍ୟର ଘରୋଇ ହସ୍ପିଟାଲ ଓ ଲାବୋରେଟୋରି ଗୁଡ଼ିକରେ ଡେଙ୍ଗୁ ଜାଣିବା ପାଇଁ ହେଉଥିବା କାର୍ଡ ଟେଷ୍ଟକୁ ରାଜ୍ୟ ସ୍ୱାସ୍ଥ୍ୟ ବିଚାରକୁ ନେଉନାହିଁ। ଯଦି ଏହି ସଂଖ୍ୟାକୁ ମିଶାଯିବ ତାହାଲେ ରୋଗୀଙ୍କ ସଂଖ୍ୟା ୧୦ହଜାର ଟପିଯିବ। ଏହାସହ ଏସବୁ କାର୍ଡର ଗୁଣାତ୍ମକ ମାନ କ'ଣ ତାହାର ମଧ୍ୟ ଯାଞ୍ଚ ହେଉନାହିଁ। ଯଦି ଏହା ସରକାରୀଭାବେ ଗ୍ରହଣୀୟ ନୁହେଁ ଏହାକୁ ସଂପୂର୍ଣ୍ଣଭାବେ ନିଷିଦ୍ଧ ଘୋଷଣା କରାଯାଉନାହିଁ କାହିଁକି ? ଉଭୟ ପ୍ରକାର ଟେଷ୍ଟକୁ ଅନୁମତି ଦିଆଯାଉ ଲୋକଙ୍କୁ ଏକପ୍ରକାର ଦ୍ୱନ୍ଦ୍ୱରେ ରଖାଯାଉଥିବା ଅଭିଯୋଗ ହେଉଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର କହିବା କଥା, ଡେଙ୍ଗୁ ଚିହ୍ନଟ ପାଇଁ କେବଳ ଏଲିସା ପଦ୍ଧତି ହିଁ ଭରସାଯୋଗ୍ୟ। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଗତ ଜୁଲାଇ ୫ ତାରିଖରେ ସବୁ ଜିଲ୍ଲାକୁ ଏକ ପତ୍ର ଜାରି କରିଥିଲେ। ଏଥିରେ କୁହାଯାଇଥିଲା ଯେ ଡେଙ୍ଗୁ, ଚିକିନଗୁନିଆ ଓ ଜେଇ ଏକ ବିଜ୍ଞପିତ ବା ନୋଟିଫାଏବୁଲ ଡିଜିଜ୍। ତେଣୁ ସମସ୍ତ ଘରୋଇ ଲାବୋରେଟୋରିଗୁଡ଼ିକ ସନ୍ଦିଗ୍ଧ ନମୁନାଗୁଡ଼ିକ ସେଣ୍ଟିନାଲ ସାଇଟ୍କୁ ପଠାଇବେ। ଯାହାଫଳରେ ସଂପୃକ୍ତ ବ୍ୟକ୍ତିଜଣକ ଡେଙ୍ଗୁରେ ପୀଡ଼ିତ କି ନୁହେଁ ତାହା ସ୍ପଷ୍ଟ ହୋଇପାରବ। ଡେଙ୍ଗୁ ପରୀକ୍ଷା ପାଇଁ ରାଜ୍ୟବ୍ୟାପୀ ୪୧ଟି ସେଣ୍ଟିନାଲ ସାଇଟ୍ ରହିଛି। ସନ୍ଦିଗ୍ଧ ଡେଙ୍ଗୁ ରୋଗୀମାନେ ଏଠାକୁ ଯାଇ ନିଜର ପରୀକ୍ଷା କରିପାରିବେ। ହେଲେ ରାଜ୍ୟର ଭୌଗଳିକ ଦୃଷ୍ଟିକୋଣ ଓ ସରକାରୀ ପରୀକ୍ଷା କେନ୍ଦ୍ରରେ ପ୍ରବଳ ଭିଡ଼ ପାଇଁ ଅନେକ ଘରୋଇ ହସ୍ପିଟାଲ-ଡାଏଗ୍ନୋଷ୍ଟିକ୍ ସେଣ୍ଟର ଉପରେ ନିର୍ଭର କରୁଛନ୍ତି। ସବୁ ଘରୋଇ ଲାବୋରେଟୋରିରେ ଏଲିସା ପଦ୍ଧତିରେ ପରୀକ୍ଷା ହେଉନାହିଁ। ତେଣୁ ସେମାନେ କାର୍ଡ ଟେଷ୍ଟ କରୁଛନ୍ତି। ଏଥିପାଇଁ ରୋଗୀଙ୍କଠାରୁ ୯ଶହ ଟଙ୍କା ନେଉଛନ୍ତି। ଏଥିରେ ଡେଙ୍ଗୁ ପଜିଟିଭ୍ ଆସିଲେ ମଧ୍ୟ ଏହା ସରକାରଙ୍କ ଦ୍ୱାରା ଗ୍ରହଣଯୋଗ୍ୟ ନୁହେଁ। ଯଦି ଏହି ପଦ୍ଧତି ଠିକ୍ ନୁହେଁ, ତାହାଲେ କାହିଁକି ଏହି ପଦ୍ଧତିକୁ ସରକାର ଅନୁମତି ଦେଉଛନ୍ତି ? ଏହାସହ ଏସବୁ କାର୍ଡ ପରୀକ୍ଷା ପ୍ରକୃତରେ ଠିକ୍ କି ନୁହେଁ ଏହାର ଗୁଣାତ୍ମକ ମାନ କିଏ ଯାଞ୍ଚ କରୁଛି ? ତେଣୁ ଜ୍ୱରରେ କମ୍ପୁଥିବା ଲୋକଟି ପ୍ରକୃତରେ ଡେଙ୍ଗୁରେ ଆକ୍ରାନ୍ତ କି ଅନ୍ୟ କୌଣସି ରୋଗରେ ପୀଡ଼ିତ ତାହା କିଭଳି ସ୍ପଷ୍ଟ ହେବ ? ରାଜ୍ୟରେ ଏବେ ଦୈନିକ ୨ଶହରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ସରକାରୀଭାବେ ରାଜ୍ୟରେ ସମୁଦାୟ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୬୫୬୩। ଏଥିରୁ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୨୮୫୦। ଏହାବାଦ୍ ପୁରୀରେ ୭୨୯, ବାଲେଶ୍ୱରରେ ୫୭୪, କଟକ ୫୯୮, ଜଗତସିଂହପୁର ୩୨୦, ନୟାଗଡ଼ ୨୪୮ ଓ ସୁନ୍ଦରଗଡ଼ରୁ ୨୩୪ ରୋଗୀଙ୍କୁ ଚିହ୍ନଟ କରାଗଲାଣି। ମାତ୍ର ଏବେ ଲଗାତାରଭାବେ ବର୍ଷା ଜାରି ରହିଥିବାରୁ ରାଜ୍ୟରେ ଡେଙ୍ଗୁ ଜ୍ୱରରୁ ନିସ୍ତାର ମିଳିବ ନାହିଁ ବୋଲି ଉଭୟ ସ୍ୱାସ୍ଥ୍ୟ ବିଭାଗ ଓ ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ତେଣୁ ଅକ୍ଟୋବର କିମ୍ବା ନଭେମ୍ବର ମାସ ଆଡ଼କୁ ରାଜ୍ୟବାସୀ ଡେଙ୍ଗୁ ସଂକ୍ରମଣରୁ ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ରାଜ୍ୟରେ ଦୁଇ ପ୍ରକାର ପରୀକ୍ଷା ବ୍ୟବସ୍ଥା କାହିଁକି ଜାରି ରହିଛି ତାହା ସଂପର୍କରେ ଜାଣିବା ପାଇଁ ରାଜ୍ୟ ଏନ୍ଭିବିଡିସିପିର ଯୁଗ୍ମ ନିର୍ଦ୍ଦେଶକ ଡା.ଶୁଭାଶିଷ ମହାନ୍ତିଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ତାଙ୍କଠାରୁ କୌଣସି ଉତ୍ତର ମିଳିପାରିନାହିଁ।

## ଗ୍ରାମବାସୀଙ୍କ ଅଭିନବ ପ୍ରୟାସ ପଂଚାୟତରେ ମଦ ପିଇଲେ ଜରିମାନା

ମାଲକାନଗିରି, ୨୧/୦୯ (ନି.ପ୍ର): ପଂଚାୟତରେ କେହି ମଦ ବିକ୍ରି କିମ୍ବା ପିଇ ପାରିବେ ନାହିଁ । ଏହାର ଖୀ ଲାପ କଲେ ଜରିମାନା ଦେବାକୁ ପଡ଼ିବ । ଏଭଳି ନିଷ୍ପତ୍ତି ନେଇଛନ୍ତି ମା ଥିଲି ବ୍ଲକ୍ ସାଲିମି ପଂଚାୟତବାସୀ । ପଂଚାୟତରେ ଏହି ନୂଆ ନିୟମ ଲାଗୁ ସମ୍ପର୍କ ରେ ପଂଚାୟତବାସୀଙ୍କୁ ଶୋଭାଯାତ୍ରା ମାଧ୍ୟମରେ ସଚେତନତା କରାଯାଇଛି । ଏହି ଅବସରରେ ପଂଚାୟତର ୧୨ଟି ୱାର୍ଡରେ ପୋଷ୍ଟର ମଧ୍ୟ ଲାଗାଯାଇଛି। ପଂଚାୟତ ପରିସରରେ ଦେଶୀମଦ ରାନ୍ଧିଲେ ୨ ହଜାର ଟଙ୍କା ଓ ବିଦେଶୀ ମଦ ବ୍ୟବସାୟ କଲେ ୫ହଜାର ଟଙ୍କା ଜାରିମାନା ଦେବାକୁ ପଡ଼ିବ। ଏଥିସହ ପଂଚାୟତର କେହି ଯଦି ବାହାରୁ ମଦ ପିଇ ଆସି ଏଠାରେ କୌଣସି ସମସ୍ୟା ସୃଷ୍ଟି କରନ୍ତି ତେବେ ତାଙ୍କଠାରୁ ୧୫ଶହ ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ସମ୍ପୃକ୍ତ ପୋଷ୍ଟରେ ଉଲ୍ଲେଖ କରାଯାଇଛି। ବିବାହ କିମ୍ବା କୌଣସି ପର୍ବପର୍ବାଣୀରେ ଯଦି ମାଦକ ଦ୍ରବ୍ୟ ବ୍ୟବହାର କରାଯିବ ତାହାହେଲେ ସମ୍ପୃକ୍ତ ୱାର୍ଡ ମେମ୍ବରଙ୍କଠାରୁ ଅନୁମତି ନେବାକୁ ପଡ଼ିବ।

# ଭାଗବତ ଟୁଙ୍ଗିକୁ ଅନୁଦାନ: ଭାଗବତ ସ୍ରଷ୍ଟାଙ୍କୁ ଅବହେଳା



ପୁରୀ, ୨୧/୦୯ (ନି.ପ୍ର): ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତ ଆଜି ଘରେ ଘରେ ପରିଚିତ। ବ୍ୟାସଦେବଙ୍କ ରଚିତ ସଂସ୍କୃତ ଭାଷାର ଶ୍ରୀମଦ୍ ଭାଗବତକୁ ଓଡ଼ିଆରେ ଅନୁବାଦ କରି ସମଗ୍ର ଉତ୍କଳବାସୀଙ୍କ ପାଇଁ ସେ ଚିରନମସ୍ୟ। କିନ୍ତୁ ପୁରୀ ସମୁଦ୍ର କୂଳରେ ଥିବା ପୂଜ୍ୟ ଅତିବଡ଼ୀଙ୍କ ସାଧନା ଓ ସମାଧି ପୀଠ ଆଜି ଅବହେଳିତ। ପ୍ରଶାସନିକ ଆନ୍ତରିକତା ଅଭାବରୁ ମଠ ଜାଗାକୁ ନେଇ ଦେଖା ଦେଇଥିବା ଦୀର୍ଘ ଦିନର ବିବାଦ ଉପରୁ ହଟିପାରିନି କଳାବାଦଲ। ଅପରପକ୍ଷେ ଏହି ଜାଗା ଉପରେ ଲୋଲୁପ ଦୃଷ୍ଟି ପକାଇଥିବା ବ୍ୟକ୍ତିମାନେ କଳବଳ ଲଗାଇ ପ୍ରତିମୁହୂର୍ତ୍ତରେ ଅନୁପ୍ରବେଶ ଓ ଜବରଦଖଲ ଚକ୍ରାନ୍ତ ଚଳାଇଛନ୍ତି।

ନିକଟରେ ଦୋକାନ ଘର କରି ବିବାଦ ଘେରକୁ ଆସିଥିବା ଓ ଅଦାଲତଙ୍କ ପ୍ରଶ୍ନର ସମ୍ମୁଖୀନ ହୋଇଥିବା ପ୍ରଶାସନ ଏବେ ଏହି ଜାଗାରେ ବଳିଆପଣ୍ଡା ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟାଳୟ ନିର୍ମାଣ କରୁଛି । ଅତିବଡ଼ୀଙ୍କୁ ଭଲ ପାଉଥିବା ସଂଗଠକ, ସଂସ୍କୃତିପ୍ରେମୀମାନେ ଏହି ନିର୍ମାଣ ବେଆଇନ୍ ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପଟେ ଚୌଦ୍ୱାର ତେଲିଆପଡ଼ାର ଜମିଦାରଙ୍କ ପରିବାର ବି ଏହି ଜାଗା ସେମାନଙ୍କର କହି ମଠ ପରିସରରେ ରହୁଛନ୍ତି। ଦିନକ ପରେ ଅର୍ଥାତ୍ ସେପଟ୍ମେ଼ର ୨୨ ରାଧାଷ୍ଟମୀରେ ଅତିବଡ଼ୀଙ୍କ ଜନ୍ମଦିନ ଥିବାବେଳେ ଜାଗାକୁ ନେଇ ଏଭଳି ବିବାଦ ପରେ ଚଳିତବର୍ଷ ଜନ୍ମଦିନ ପାଳନକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଯେଉଁଠି ରାଜ୍ୟ ସରକାର ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ଅନୁଦାନ ଅଜାଡ଼ି ଦେଉଛନ୍ତି, ସେଠି ଭାଗବତ ସ୍ରଷ୍ଟାଙ୍କୁ ଅବହେଳାକୁ ବୁଦ୍ଧିଜୀବୀମାନେ ହଜମ କରି ପାରୁନାହାନ୍ତି। ଯଦି ଏହି ଜାଗାର ସୁରକ୍ଷା କଥା ଏବେଠୁ ଚିନ୍ତା କରା ନଯାଏ, ଅତିବଡ଼ୀଙ୍କ ସ୍ମୃତିକୁ ଜାବୁଡ଼ି ଧରିଥିବା ଏହି ମଠ ସେ ନିଶ୍ଚିହ୍ନ ହୋଇଯିବ, ଏଥିରେ ଦ୍ୱିମତ ନାହିଁ। ପୁରୀ ସମୁଦ୍ର କୂଳରେ ଥିବା ସାତଲହଡ଼ି ମଠରେ ଅତିବଡ଼ୀ ଜଗନ୍ନାଥ ଦାସ ଜୀବନର ଶେଷ ସମୟ କାଟିଥିଲେ। ଏହିଠାରେ ତାଙ୍କୁ ସମାଧି ଦିଆଯାଇଥିଲା। ସେ ଭାଗବତର ୧୧ତମ ଅଧ୍ୟାୟର ଗୁରୁତ୍ୱପୂର୍ଣ୍ଣ ପଂକ୍ତି ବି ଏହିଠାରେ ରଚନା କରିଥିଲେ। ଯେଉଁ ଜାଗାରେ ସାତଲହଡ଼ି ମଠ ରହିଛି, ସେଠାରେ ଆଗରୁ ସମୁଦ୍ର ଜୁଆର ମାଡ଼ ହେଉଥିଲା। ସେହି ଜାଗାରେ ଆସ୍ଥାନଟିଏ ପାଇଁ ଅତିବଡ଼ୀ ବରୁଣ ଦେବଙ୍କ ଶରଣାପନ୍ନ ହେବାରୁ ସମୁଦ୍ରର ସାତଟି ଲହଡ଼ି ପଛକୁ ଘୁଞ୍ଚି ଯାଇଥିଲା। ଏଥିପାଇଁ ମଠର ନାଁ 'ସାତଲହଡ଼ି ମଠ'। ମଠର ରଖୁଆଳ ବ୍ରହ୍ମଚାରୀ ବାମଦେବ ନନ୍ଦ କହିଛନ୍ତି, ଓଡ଼ିଆରେ ଭାଗବତ ଲେଖିବା ପରେ ବିରୋଧ କାରଣରୁ ଅତିବଡ଼ୀ ନିଜ ଜନ୍ମମାଟି ଛାଡ଼ି ପଳାଇ ଆସିଥିଲେ। ତତ୍କାଳୀନ ରାଜା ପ୍ରତାପରୁଦ୍ର ଦେବ ପାଟରାଣୀଙ୍କ ଉଆସରେ ତାଙ୍କୁ ରଖିଥିଲେ। ଶେଷରେ ସେ ଓଡ଼ିଆ ମଠ ତ୍ୟାଗ କରି ଶେଷ ସମୟ ସାତଲହଡ଼ି ମଠରେ ଅବସ୍ଥାନ କରିଥିଲେ। ଯେଉଁ ସ୍ଥାନରେ ସାତଲହଡ଼ି ମଠ ରହିଛି, ୧୯୬୧-୬୨ ମସିହାରୁ ଅତିବଡ଼ୀ ଜଗନ୍ନାଥ ଦାସ ସ୍ମୃତିରକ୍ଷା କମିଟି ଗଠନ ହୋଇ ତା'ର ପୁନରୁଦ୍ଧାର ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଯାହାର ସ୍ଥାୟୀ ଅଧ୍ୟକ୍ଷ ହେଉଛନ୍ତି ଜିଲ୍ଲାପାଳ ଓ ସଂପାଦକ ହେଉଛନ୍ତି ଜିଲ୍ଲା ସଂସ୍କୃତି ଅଧିକାରୀ। ଅନ୍ୟ ବରିଷ୍ଠ ଅଧିକାରୀ, ଐତିହାସିକ, ବୁଦ୍ଧିଜୀବୀ, ମଠର କାର୍ଯ୍ୟକର୍ତ୍ତା ବି କମିଟିର ସଦସ୍ୟ ରହିଥିଲେ। ପରବର୍ତ୍ତୀ ସମୟରେ ମଠର ସୁରକ୍ଷା ପାଇଁ ଜାଗା ଚାରିପଟେ ପାଚେରି ବୁଲାଗଲା। ତଥାପି ଜମିକୁ ଅକ୍ତିଆର ପାଇଁ ଅହରହ ଉଦ୍ୟମ ଚାଲିଛି ବୋଲି ଶୀ ନନ୍ଦ କହିଛନ୍ତି।

ସେପଟେ ଏବେ ମଠ ପରିସରରେ ବଳିଆପଣ୍ଡା ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟାଳୟ ନିର୍ମାଣ ଆରମ୍ଭ ହେବାକୁ ନେଇ ଐତିହାସିକ, ବୁଦ୍ଧିଜୀବୀ, ସାହିତ୍ୟିକମାନେ ବିରୋଧ କରିଛନ୍ତି। ଏ ଭିତରେ କାର୍ଯ୍ୟାଳୟର ମୂଳଦୁଆ ବି ପଡ଼ି ସାରିଥିବାବେଳେ କେଉଁ ପରିସ୍ଥିତିରେ ଏହି ନିର୍ମାଣ ହେଉଛି, ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପୁରୀ ତହସିଲଦାର କ୍ଷୀରୋଦ କୁମାର ବେହେରା କହିଛନ୍ତି, ଯେଉଁ ଜାଗାରେ ବଳିଆପଣ୍ଡାର ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟାଳୟ ନିର୍ମାଣ ହେଉଛି, ତାହା ରାଜସ୍ୱ ବିଭାଗର। କୌଣସି ବେଆଇନ ଜାଗାରେ ନିର୍ମାଣ ହେଉନି ବୋଲି ଶ୍ରୀ ବେହେରା କହିଛନ୍ତି।

## ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ମୃତ୍ୟୁ ଘଟଣା: ନ୍ୟାୟ ନମିଳିଲେ ଆତ୍ମାହୁତି ଚେତାବନୀ

ଚୌଦ୍ୱାର, ୨୧/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ସମୟରେ ଆଲୋଡ଼ନ ସୃଷ୍ଟି କରିଥିବା ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାକୁ ଏକ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ବି ତାଙ୍କ ପରିବାରକୁ ଏପର୍ଯ୍ୟନ୍ତ ନ୍ୟାୟ ମିଳିପାରିନି। କିଛି ଦିନ ତଳେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସଭାମଂଚକୁ ଚଢି ରୁଚିକାଙ୍କ ମା ବିଦ୍ୟୁତପ୍ରଭା ମହାନ୍ତି ପ୍ରଶ୍ନ ପଚାରି ଥିବା ବେଳେ ଆଜି କଖଡ଼ି ଗ୍ରାମରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସରକାରଙ୍କୁ ନ୍ୟାୟ ମାଗିଛନ୍ତି। ଶ୍ରୀମତୀ ମହାନ୍ତି ବିଳମ୍ବିତ ନ୍ୟାୟ ପାଇଁ ସରକାରଙ୍କୁ ସମାଲୋଚନା କରିଛନ୍ତି। ବିଭିନ୍ନ ଅପପ୍ରଚାରକୁ ନେଇ ସେ ସିଧାସଳଖ ଭାବରେ ମନ୍ତ୍ରୀ ତଥା ଆଠଗଡ଼ର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ ରଖିଛନ୍ତି। ଯଦି କିଛି କ୍ଷତିପୂରଣ ଅର୍ଥ ତାଙ୍କୁ ଦିଆଯାଇଥାଏ ତେବେ ସେ ତାଙ୍କର ସମସ୍ତ ବ୍ୟାଙ୍କ୍ ଆକାଉଣ୍ଟ୍ ଯାଂଚ କରିବା ପାଇଁ ଅନୁରୋଧ କରିଛନ୍ତି। ନିଜର ଓ ନିଜର ସ୍ୱର୍ଗତ ଝିଅ ବିଷୟରେ ସ୍ଥାନୀୟ ଶାସକ ଦଳର ନେତୃବୃନ୍ଦ ଯେଉଁଭଳି ଅପପ୍ରଚାର କରୁଛନ୍ତି ତାହାକୁ ସେ ଦୃଢ ଭାବେ ଖଣ୍ଡନ କରିବା ସହିତ ଏସବୁ ଘଟଣାର ଭଗବାନ ବିଚାର କରିବେ ବୋଲି କହିଛନ୍ତି। ନିଜ ଝିଅକୁ ହରାଇ ସେ ନିଜେ ଓ ତାଙ୍କ ପରିବାର ଯେଉଁଭଳି ଭାବରେ ଜୀବନ ଅତିବାହିତ କରୁଛନ୍ତି ସେଭଳି ପରିସ୍ଥିତିରେ ଶାସକ ଦଳର ନେତାମାନଙ୍କର ଅପପ୍ରଚାର ଶୁଣି ସେ ମଧ୍ୟ ଆତ୍ମାହୁତି ଦେବେ ବୋଲି କହିଛନ୍ତି। ନିଜର ଝିଅ ମୃତ୍ୟୁ ଘଟଣାରେ ଯଥାଶୀଘ୍ର ତାଙ୍କୁ ନ୍ୟାୟ ପ୍ରଦାନ ଓ ତାଙ୍କ ପରିବାର ବିରୁଦ୍ଧରେ ଯେଉଁମାନେ ଅପପ୍ରଚାର କରୁଛନ୍ତି ସେମାନଙ୍କୁ ଉଚିତ୍ ଦଣ୍ଡ ଦେବା ପାଇଁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ରୁଚିକାଙ୍କ ମା ଶ୍ରୀମତୀ ମହାନ୍ତିଙ୍କ ସହିତ ପୂର୍ବତନ ସରପଂଚ ସୁନିଲ ସୂତାର ଓ ସେମାନଙ୍କ ବହୁ ସମର୍ଥକ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ରେ ୬ ନୂଆ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ: ସଂଖ୍ୟା ୨୦୬ ଛୁଇଁଲା




ସୁନ୍ଦରଗଡ଼, ୨୧/୦୯ (ନି.ପ୍ର): ସୁନ୍ଦରଗଡ଼ରେ ଆଉ ୬ ଜଣ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସର୍ବାଧିକ ସୁନ୍ଦରଗଡ଼ରେ ୨୦୬ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ ହୋଇଥିବା ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଗତକାଲି ୭ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ରବିବାର ୧୧, ସୋମବାର ୩ ଚିହ୍ନଟ ହୋଇଥିଲେ। ଠିକ୍ ସେହିପରି ମଙ୍ଗଳବାର ବି ୧୦ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହା ସହ ସଂଖ୍ୟା୨୦୬ରେ ପହଞ୍ଚିଛି। ଗତକାଲି ଯାଏ ସଂକ୍ରମିତଙ୍କଙ୍କ ମଧ୍ୟରୁ ୧୦ ଜଣ ଅନ୍ୟ ରାଜ୍ୟର ହୋଇଥିବା ବେଳେ ୯ ଜଣ ଅନ୍ୟ ଜିଲ୍ଲାର ରହିଛନ୍ତି। ସଂକ୍ରମଣ ରୋକିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ନେଇ ସିଡିଏମଓ ସୂଚନା ଦେଇଛନ୍ତି । ତେବେ ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ବଢିବାକୁ ଲାଗିଥିବା ବେଳେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପାଇଁ ଚିନ୍ତା ବଢାଇଛି। ତେବେ ଏହା ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ ରାଉରକେଲା ସରକାରୀ ଡାକ୍ତରଖାନାରେ ହୋଇଥିବା ପରୀକ୍ଷାର ରିପୋର୍ଟ। ଘରୋଇ ଭାବେ ପ୍ରକାଶିତ ତଥ୍ୟାନୁସାରେ ଆକ୍ରାନ୍ତ ସଂଖ୍ୟା ୫ ଶହ ଟପି ଯାଇଥିବା କୁହାଯାଉଛି। କେବଳ ରାଜଗାଙ୍ଗପୁରର ଏକ ଘରୋଇ କ୍ଲିନିକରେ ୧୫୦ରୁ ଅଧିକ ସ୍କ୍ରବ୍ ଟାଇଫସ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ୧୪ ତାରିଖରେ ଜିଲ୍ଲାରେ ରାଜ୍ୟର ସର୍ବାଧିକ ୩୦ ଚିହ୍ନଟ ହୋଇଥିଲା। ଗତ ଜାନୁଆରିରେ ମାତ୍ର ୪ଜଣ ଚିହ୍ନଟ ହୋଇଥିଲେ। ତାପର ଠାରୁ ଏହା ବୃଦ୍ଧି ପାଇ ୧୮୩ରେ ପହଞ୍ଚିଛି। ସ୍କ୍ରବ୍ ଟାଇଫସରେ ଜଣକର ମୃତ୍ୟୁ ହୋଇଥିବାବେଳେ ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଇଥିବାରୁ ଅନ୍ୟ ଆକ୍ରାନ୍ତମାନେ ସୁସ୍ଥ ଥିବା ସିଡିଏମଓ ଡ. କାହ୍ନୁଚରଣ ନାୟକ କହିଛନ୍ତି। ଅନ୍ୟପଟେ ଆଶା, ଅଙ୍ଗନବାଡ଼ି କର୍ମୀଙ୍କ ଜରିଆରେ ଲୋକଙ୍କୁ ସଚେତନ କରାଯିବା ସହ ରୋଗ ଚିହ୍ନଟ ପାଇଁ ବ୍ୟାପକ ପରୀକ୍ଷା କରାଯାଉଥିବା, କୌଣସି ବ୍ୟକ୍ତିଙ୍କଠାରେ ଏହି ରୋଗର ଲକ୍ଷଣ ଦେଖାଗଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଉଥିବା, ଆବଶ୍ୟକ ପଡ଼ିଲେ, ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଉଥିବା ଡାକ୍ତରଖାନା ସୂତ୍ରରୁ ପ୍ରକାଶ। କିନ୍ତୁ ଏ ସଚେତନତା କେବଳ କାଗଜପତ୍ରରେ, ବାସ୍ତବରେ ଗ୍ରାମାଞ୍ଚଳର ଲୋକଙ୍କ ପାଖରେ ଏଯାଏ ଏ ରୋଗ ସମ୍ପର୍କରେ ବିଶେଷ ସୂଚନା ପହଞ୍ଚି ନଥିବା ଜଣାପଡିଛି।

# ଆଗୁଆ ଅତିରିକ୍ତ ବଜେଟ୍, ସାମ୍ବିଧାନିକ ବିଧିବ୍ୟବସ୍ଥାର ପରିପନ୍ଥୀ : ବିଜେପି

ଭୁବନେଶ୍ୱର, ୨୧/୦୯ (ନି.ପ୍ର): ଚଳିତବର୍ଷ ସ୍ୱାଭାବିକ ସମୟର ତିନି ମାସ ପୂର୍ବରୁ ଅତିରିକ୍ତ ବଜେଟ୍ ଉପସ୍ଥାପିତ ହେବାକୁ ଯାଉଛି। ଅର୍ଥ ବିଭାଗ ୧୦ ରୁ ୩୧ ଜୁଲାଇ ସୁଦ୍ଧା ବିଭିନ୍ନ ବିଭାଗର ପ୍ରସ୍ତାବ ମାଗିଥିଲେ । ସାଧାରଣତଃ ଭାବେ ରାଜ୍ୟ ବା କେନ୍ଦ୍ରରେ ନଭେମ୍ବର ଓ ଡିସେମ୍ବର ମାସରେ ଅତିରିକ୍ତ ବଜେଟ୍ ଉପସ୍ଥାପିତ ହୋଇଥାଏ। ସ୍ୱାଭାବିକ ଭାବେ ଅତିରିକ୍ତ ବଜେଟ ଉପସ୍ଥାପନ ହେବାର ୩ ମାସ ପୂର୍ବରୁ ଉପସ୍ଥାପିତ ହେଉଛି। ଏଥିରୁ ରାଜ୍ୟ ସରକାରଙ୍କ ଦୂର ଦୃଷ୍ଟିକୋଣର ଅଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି ବୋଲି ରାଜ୍ୟ ବିଜେପି ମୁଖପାତ୍ର ରମାରଂଜନ ବଳିୟାରସିଂହ କହିଛନ୍ତି ।

ବୁଧବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବଳିୟାରସିଂହ କହିଛନ୍ତି, ଚଳିତ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨ଲକ୍ଷ ୩୦ହଜାର କୋଟିର ଆର୍ଥିକ ବଜେଟ୍ ଉପସ୍ଥାପିତ କରିଛନ୍ତି, କିନ୍ତୁ ଦୁଃଖର କଥା ପ୍ରଥମ ୩ ମାସରେ ଖର୍ଚ୍ଚ ହୋଇଛି ମାତ୍ର ୧୪.୬୩ ପ୍ରତିଶତ। ଗତବର୍ଷ ୨୦୨୨-୨୩ରେ ଏହି ସମୟରେ ଖର୍ଚ୍ଚ ମାତ୍ର ୧୨.୨୯ପ୍ରତିଶତ ଥିଲା ଏବଂ କୃଷି କ୍ଷେତ୍ରରେ ଉଭୟ ବର୍ଷ କ୍ରୟ ମାସିକ ଖର୍ଚ୍ଚ ମାତ୍ର ୧୬ପ୍ରତିଶତ। ଅତିରିକ୍ତ ବଜେଟ୍ ଆଣିବାରେ ବାଧା ନାହିଁ କିନ୍ତୁ ରାଜ୍ୟ ସରକାର ସମ୍ବିଧାନିକ ବିଧିବ୍ୟବସ୍ଥାର ଅନୁଚ୍ଛେଦ ୨୦୪, ୨୦୫ର ଉଲଘଂନ କରିଛନ୍ତି। ସମ୍ବିଧାନର ୨୦୫ ପରିଚ୍ଛେଦ ଅନୁଯାୟୀ ରାଜ୍ୟ ସରକାର ଉପଚ୍ଛେଦ ୨୦୪ ଅନୁଯାୟୀ ବ୍ୟୟବରାଦ ହୋଇଥିବା ଅର୍ଥ ଯଦି ନିଅଂଟ ହୋଇଥାଏ କିମ୍ବା ନିର୍ଦ୍ଦିଷ୍ଟ ଭାବେ କୌଣସି ଜରୁରୀ ଆବଶ୍ୟକ ଥାଏ, ତାହାଲେ ଅତିରିକ୍ତ ବଜେଟ୍ ଆଣିବା ପାଇଁ ବ୍ୟବସ୍ଥା ଥିବାବେଳେ ରାଜ୍ୟ ସରକାର ବଜେଟ୍ର ବ୍ୟବସ୍ଥା ହୋଇଥିବା ଅର୍ଥର ମାତ୍ର ୧୫ ପ୍ରତିଶତ ଖର୍ଚ୍ଚ ହୋଇଥିବାବେଳେ, ଅତିରିକ୍ତ ବଜେଟ୍ ଆଣିବା ଏବଂ ନିର୍ଦ୍ଧାରିତ ସମୟର ୩ମାସ ପୂର୍ବରୁ ଆଣିବା ଦୁର୍ଭାଗ୍ୟଜନକ। ବିଗତ ଦଶନ୍ଧି ଧରି ବଜେଟ୍ ଅର୍ଥ ଅବ୍ୟବସ୍ଥିତ ଢଙ୍ଗରେ ଖର୍ଚ୍ଚ କରାଯାଉଛି ଏବଂ ଦୁର୍ନୀତି, ଭ୍ରଷ୍ଟାଚାର ପାଇଁ ସୁଯୋଗ ଦିଆଯାଉଛି। ପ୍ରତିବର୍ଷ ଡିସେମ୍ବର ସୁଦ୍ଧା ଅଧିକାଂଶ ବିଭାଗରେ ୩୦ ରୁ ୩୫ପ୍ରତିଶତ ଖର୍ଚ୍ଚ ହେଉଥିବାବେଳେ ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ବଜେଟ୍ର ୭୦ପ୍ରତିଶତ ଖର୍ଚ୍ଚ ହେଉଛି। ପୂର୍ବରୁ କେନ୍ଦ୍ରୀୟ ଅନୁଦାନ ସମ୍ପର୍କରେ ସଠିକ୍ ତଥ୍ୟ ରାଜ୍ୟ ନିକଟରେ ନଥିବା କାରଣରୁ ଆର୍ଥିକ ବ୍ୟୟ ବ୍ୟବସ୍ଥାରେ ଅସନ୍ତୁଳନ ଦେଖାଦେଉଥିଲା। ଏଣିକି କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କ୍ଷେତ୍ରରେ "ଜଷ୍ଟ୍ ଇନ୍ ଟାଇମ୍" ନୀତି ପ୍ରଚଳନ ହେଉଥିବାରୁ ଓଡ଼ିଶା ମଧ୍ୟ ଏହାକୁ ଆପଣାଇବାକୁ ବାଧ୍ୟ। ନିର୍ବାଚନ ପୂର୍ବରୁ ଘୋଷିତ ବିଜୁ ଯୁବବାହିନୀ, ପିଠା ଯୋଜନା, ମୋ ପୋଖରୀ, ଆମ ଗାଁ ଆମ ବିକାଶ ଗଲା କୁଆଡେ। ଦୁର୍ଭାଗ୍ୟର କଥା ବଜେଟ୍ ଗୋଟେ ଆଡେ ଘୋଷଣା ଗୋଟେ ଆଡେ। ରାଜ୍ୟ ସରକାର ଦିଶା, ଦିଗ, ଲକ୍ଷ୍ୟ ଯୋଜନା ବିହିନ। ଆନୁଆଲ ବଜେଟ୍ "ପିପୁଲ୍ସ ଗାଇର୍ଡ"ରେ ୨୦୧୬-୧୭ରେ ଏହା କୃଷି ଓ କୃଷକ କୈନ୍ଦ୍ରିକ କୁହାଗଲା ବେଳେ ୨୦୨୧-୨୨ ଏବଂ ୨୦୨୩-୨୪ରେ ପିପୁଲ୍ସ ଗାଇର୍ଡରେ କୁହାଗଲା ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା କୁହାଗଲା ଏବେ ନୂଆ ଓଡ଼ିଶା ନବୀନ ଓଡ଼ିଶା କୁହାଯାଉଛି। ମିଶନଶକ୍ତି ୫ଟି ଅକ୍ଷରରୁ ମିଶନ ଶବ୍ଦ ଛୋଟ "ଶକ୍ତି" ବଡ କରି ଲେଖାଯାଉଛି। ରାଜ୍ୟ ସରକାର ଆଉ ମିଶନ ମୋଡରେ ନାହାନ୍ତି, ରାଜନୀତିରେ ଭୋଟ ସଂଗ୍ରହ ପାଇଁ ଶକ୍ତି ସଂଗ୍ରହକୁ ଗୁରୁତ୍ୱ ଦେଉଛନ୍ତି। ୨୦୨୩-୨୪ରେ ୧୦ଟି ପ୍ରାୟୋରିଟ୍ ଡିପାଟମେଂଟ(ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ)ରେ ମହିଳା ମିକାଶର ନାଁ ନାହିଁ ବୋଲି ଶ୍ରୀ ବଳିୟାରସିଂହ କହିଛନ୍ତି। ଗତ ୨ଦିନ ତଳେ ମନ୍ତ୍ରୀମଣ୍ଡଳ ବୈଠକରେ ୧ହଜାର ନୂଆବସ୍ କିଣାଯିବା ପାଇଁ ପ୍ରସ୍ତାବ ପାରିତ ହୋଇଛି। ୨୦୧୦ରୁ ପ୍ରଚଳିତ କେନ୍ଦ୍ରୀୟ ଜବାହାରଲାଲ ନେହେରୁ ସ୍କିମ୍ରେ କେନ୍ଦ୍ର ୭୦ପ୍ରତିଶତ ସବ୍ସିଡି ଦେଲାବେଳେ ରାଜ୍ୟ ସରକାର ଅପରେଟମାନଙ୍କ ଠାରୁ ୩୦ପ୍ରତିଶତ ସହଯୋଗ ରାଶି ସଂଗ୍ରହ କଲେ। ଦେଢ଼ ବର୍ଷକାଳ ବସ୍ ପଡିରହିଲା, ଏବେ ୫୦୦ବସ୍ ଖତ ଖାଉଛି। ନୂଆ ଗାଡି କିଣା ଯାଇ ପ୍ରମୋଟରମାନଙ୍କୁ ଯାତ୍ରୀ ବସନ୍ତୁ ନବସନ୍ତୁ କିଲୋମିଟର ପିଛା ପଇସା ଦେବା ଦିଲ୍ଲୀ, ବମ୍ବେ, ତାମିଲନାଡୁ ପ୍ରମୋଟରଙ୍କୁ ଉତ୍ସାହିତ କରିବା ଉଦ୍ଦେଶ ନୁହେଁ ତ? ଓଡ଼ିଶାରେ ଯେଉଁ ୫ହଜାରରୁ ଉର୍ଦ୍ଧ୍ୱ ପ୍ରାଇଭେଟ୍ ବସ୍ ଚାଲିଛି ସେହି କର୍ମଚାରୀମାନଙ୍କ ଜୀବନ ଜୀବିକା କ'ଣ ହେବ। ବସ୍ ଗୁଡିକର କ୍ରୟ ବ୍ୟବସ୍ଥା ଉପଯୁକ୍ତ ମୂଲ୍ୟଠାରୁ ଯଥେଷ୍ଟ ଅଧିକ ନୁହେଁ କି ବୋଲି ଶ୍ରୀ ବଳିୟାରସିଂହ ପ୍ରଶ୍ନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡା ଉପସ୍ଥିତ ଥିଲେ।

## ମଧୁବୈଶ୍ୟ ସମାଜର ସାଧାରଣ ସଭା ଅନୁଷ୍ଠିତ

ଜୟପୁର , ୨୧/୦୯ (ନି.ପ୍ର): ମଧୁବୈଶ୍ୟ ସମାଜର ସାଧାରଣ ସଭା ଅନୁଷ୍ଠିତ ହୋଇଛି । ଜୟପୁର ଚନ୍ଦନବାଡ ସାହି ସ୍ଥିତ ରଶିକ ଶିରୋମଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି । ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଉପସ୍ଥିତ ଥିଲେ । ରଶିକ ଶିରୋମଣୀ ମନ୍ଦିର ପରିସରରେ ଏକ ଗଣେଶ ମନ୍ଦିର ରହିଛି । ମନ୍ଦିର ବିକାଶ ପାଇ ସମାଜ ତରଫରୁ ବିଧାୟକ ବାହିନିପତିଙ୍କୁ ଅନୁରୋଧ କରାଯାଇଥିଲା । ବିଧାୟକ ବାହିନିପତି ମଧ୍ୟ ଗଣେଷ ମନ୍ଦିରର ବିକାଶ ପାଇ ବିଧାୟକ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ।

## ସ୍ତ୍ରୀକୁ ହତ୍ୟା ଉଦ୍ୟମ କରି ସ୍ୱାମୀ ଗିରଫ

ଜୟପୁର, ୨୧/୦୯ (ନି.ପ୍ର): ସ୍ତ୍ରୀକୁ ହତ୍ୟା ଉଦ୍ୟମ କରି ଥିବା ଅଭିଯୋଗରେ ସ୍ୱାମୀକୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ସ୍ୱାମୀ ପାମ୍ପୁଣିର ରାମ କୃଷ୍ଣ ପଣ୍ଡା । ପୋଲିସ ସୁଚନା ଅନୁଯାଇ ଫାମ୍ପୁଣିର ମଞ୍ଜୁ ଲତା ପଣ୍ଡା ଅଭିଯୋଗ କରିଥିଲେ ଯେ ତାଙ୍କ ସ୍ୱାମୀ ରାମ କୃଷ୍ଣ ପଣ୍ଡା ତଣ୍ଟି ଚିପି ହତ୍ୟା ଉଦ୍ୟମ କରୁଥିଲେ । ସେ ପାଟି କରିବାକୁ ତାଙ୍କ ପୋଡଶି ପହଂଚି ଉଦ୍ଧାର କରିଥିଲେ । ସେମାନଙ୍କ ସମମ୍ମୁରେ ମଧ୍ୟ ହତ୍ୟା ଧମକ ଦେଇଥିଲା ଅଭିଯୁକ୍ତ ସ୍ୱାମୀ । ଏନେଇ ପୁବରୁ ମଧ୍ୟ ହତ୍ୟା କରିବାକୁ ଧମକ ଦେଉଥିବା ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ଅଭିଯୋଗକୁ ଗୁରୁତର ସହ ନେଇ ପୋଲିସ ଅଭିଯୁକ୍ତ ସ୍ୱାମୀ ରାମ କୃଷ୍ଣ ପଣ୍ଡାକୁ ଗିରଫ କରି କୋର୍ଟ ଚାଲାଣ କରି ଥିବା ସଦର ଥାନା ଅଧିକାରି ଦାୟିତ୍ୱ ରେ ଥିବା ଟାଉନ ଥାନା ଅଧିକାରି ସତ୍ୟା ନନ୍ଦ ପାତ୍ର ସୁଚନା ଦେଇଛନ୍ତି ।

ଶୁକ୍ରବାର, ସେପ୍ଟେମ୍ବର ୨୨, ୨୦୨୩

ଧ୍ୱନି ପ୍ରତିଧ୍ୱନି

# ଜାତୀୟସ୍ତରୀୟ ବରିଷ୍ଠ ନେଟ୍‌ବଲ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଦଳରେ ଭଦ୍ରକ ଜିଲ୍ଲାର ୨ ଖେଳାଳୀ

ଭଦ୍ରକ, ୨୧/୦୯ (ନି.ପ୍ର): ହରିୟାଣା ସ୍ଥିତ କାନ୍ୟା ମହାବିଦ୍ୟାଳୟ, ଖଡକ୍, ସୋନିପଥ ଠାରେ ହେବାକୁ ଥିବା ଜାତୀୟ ବରିଷ୍ଠ ନେଟ୍‌ବଲ୍ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ତା'ର ପୁରୁଷ ଓ ମହିଳା ଦଳ ଘୋଷିତ ହେବା ପରେ ଖେଳାଳୀମାନେ ହରିୟାଣା ଯାତ୍ରା କରିଛନ୍ତି । ଘୋଷିତ ଓଡ଼ିଶା ମହିଳା ଦଳରେ ଭଦ୍ରକ ଜିଲ୍ଲାରୁ ୨ ଜଣ ଖେଳାଳୀ ମନୋନୀତ ହୋଇଛନ୍ତି । ସେମାନେ ହେଲେ ଦୀପ୍ତିମୟୀ ଦାସ ଏବଂ ଅର୍ପିତା ଦାସ। ଦୀପ୍ତି ଭଦ୍ରକର ଏସ୍‌ବିଡି ଇଣ୍ଟରନ୍ୟାସ୍‌ନାଲ ସ୍କୁଲର ଯୁକ୍ତ ୨ କଳାର ଛାତ୍ରୀ ହୋଇଥିବା ବେଳେ ସେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ନାଲଗୁଣ୍ଡା ଛତ୍ରପଡ଼ା ଗ୍ରାମର ଦୟାନିଧି ଦାସଙ୍କ କନ୍ୟା । ସେହିପରି ଅର୍ପିତା ଚରମ୍ପା ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ କଳା ଛାତ୍ରୀ ଏବଂ ସେ ବନ୍ତ ବ୍ଲକ ଓଡ଼ଙ୍ଗ ଗ୍ରାମର ଅନାମ ଚରଣ ଦାସଙ୍କ କନ୍ୟା । ଏହି ଦୁଇ ଖେଳାଳୀଙ୍କ ସଫଳତା କାମନା କରି ଏସ୍‌ବିଡ଼ି ଇଣ୍ଟରନ୍ୟାସନାଲ ସ୍କୁଲର ଚେୟାର୍‌ମ୍ୟାନ, ପ୍ରିନ୍‌ସିପାଲ, କୀଡା ଶିକ୍ଷକ, ଚରମ୍ପା ମହାବିଦ୍ୟାଳୟର ଅଧ୍ୟକ୍ଷ, ଭଦ୍ରକ ଜିଲ୍ଲା ନେଟ୍‌ବଲ ଆସୋସିଏସନର ସଭାପତି ତନ୍ମୟ କୁମାର ମହାନ୍ତି, ଉପସଭାପତି ମନୋଜ କୁମାର ଦାସ, କୋଷାଧ୍ୟକ୍ଷ ବିଶ୍ୱାମିତ୍ର ବେହେରା, ସମ୍ପାଦକ ମନୋଜ କୁମାର ସାହୁ, ଉପସଭାପତି ବି. ପୀତାମ୍ବର ରେଡୀ, ଶୁଭଶ୍ରୀ ସାହୁ, ପ୍ରଜ୍ଞାପାରମିତା ସାମଲ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।



# ସୁବର୍ଣ୍ଣରେଖା ବନ୍ଦର ତରଫରୁ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ




ଲଙ୍ଗଳେଶ୍ୱର, ୨୧/୦୯ (ନି.ପ୍ର): ଆଖି ଶରୀରର ଏମିତି ଏକ ଅଂଶ, ଯାହା ଆମକୁ ସମଗ୍ର ବିଶ୍ୱ ସହିତ ପରିଚିତ କରାଇଥାଏ । କିନ୍ତୁ ବେଳେବେଳେ ବୟସ ବୃଦ୍ଧି, କିଛି ରୋଗ କିମ୍ବା ଅନ୍ୟାନ୍ୟ କାରଣରୁ ଆମର ଦୃଷ୍ଟିଶକ୍ତି ହ୍ରାସ ଘଟିବା ବା ଆଖି ଉପରେ ପ୍ରଭାବ ପଡିଥାଏ । ଯଦି ସମସ୍ୟା ବୃଦ୍ଧିପାଏ କିମ୍ବା ଅଣଦେଖା କରାଯାଏ, ତେବେ ଦୃଷ୍ଟିଶକ୍ତି ମଧ୍ୟ ଚାଲିଯିବାର ସମ୍ଭାବନା ରହିଥାଏ । ମୋତିଆବିନ୍ଦୁ ମଧ୍ୟ ଏହିପରି ଏକ ସମସ୍ୟା, ଏହି ସମସ୍ୟା କୁ ଦୂର କରିବା ପାଇଁ। ଆଜି ସୁବର୍ଣ୍ଣରେଖା ବନ୍ଦର ତରଫରୁ ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ବାଲିଆପାଳ ବ୍ଲକ ଅଧିନସ୍ଥ ପ୍ରତାପପୁର ପଞ୍ଚାୟତ ର ବାତ୍ୟା ଆଶ୍ରୟସ୍ଥଳୀ ଠାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତାପପୁର ସରପଞ୍ଚ କସ୍ତୁରୀ ବାଳା ପାତ୍ର ଏବଂ ସମିତି ସଭ୍ୟା କାବେରୀ ରାଣୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୭୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହିତ ୧୩ ଜଣ ମୋତିଆବିନ୍ଦୁ ଏବଂ ୪ଜଣ ପିଟାରିଜମ ଚିହ୍ନଟ ହୋଇଥିଲେ। ଚିହ୍ନଟ ହୋଇଥିବା ରୋଗୀ ମାନଙ୍କୁ ସୁବର୍ଣ୍ଣରେଖା ବନ୍ଦର ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନ ତରଫରୁ ବାଲେଶ୍ୱର ସ୍ଥିତ ଏଲ ଭି ପ୍ରସାଦ ହସ୍ପିଟାଲ ରେ ମାଗଣା ଅସ୍ତ୍ରପ୍ରଚାର କରାଯିବ। ଏହିଭଳି ସାମାଜିକ କାର୍ଯ୍ୟକ୍ରମ ଆଗାମୀ ଦିନରେ ଜାରି ରହିବ ବୋଲି ବାଲେଶ୍ୱର ସି ଏସ ଆର ମୂଖ୍ୟ ଶ୍ରୀଯୁକ୍ତ ପ୍ରମୋଦ କୁମାର ପାତ୍ର ପ୍ରକାଶ କରିଥିଲେ।

# ଆଜି ବିଧାନସଭା ଆଗରେ ଜଳେଶ୍ୱର ସରପଂଚ ସଂଘ ପକ୍ଷରୁ ବିକ୍ଷୋଭ

ଜଳେଶ୍ୱର , ୨୧/୦୯ (ନି.ପ୍ର): ୧୫ ଦଫା ଦାବିରେ ଆସନ୍ତା ୨୨ ତାରିଖରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ଲାଗି ଜଳେଶ୍ୱର ସରପଂଚ ସଂଘ ପକ୍ଷରୁ ଯୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି । ପଂଚାୟତକୁ କ୍ଷମତା ଫେରାଇବା, ସରପଂଚଙ୍କ ମାସିକ ଦରମା ୩୦ହଜାର ଟଙ୍କାକୁ ବଢାଇବା, ୱାର୍ଡମେମ୍ବରମାନେ ସରପଂଚଙ୍କ ବିରୋଧରେ ଆଣୁଥିବା ଅନାସ୍ଥା ପ୍ରସ୍ତାବ ବ୍ୟବସ୍ଥାକୁ ଉଚ୍ଛେଦ କରିବା, ସରପଂଚ ମାନଙ୍କୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ ସହିତ ମୃତ୍ୟୁ ହେଲେ ପରିବାରକୁ ୫୦ଲକ୍ଷ ଟଙ୍କା ସହାୟତା ଦେବା, ୨୦୧୧ ଜନଗଣନା ଅନୁସାରେ ସିଏଫସି/ ଏସ୍‌ଏଫସି ଅନୁଦାନ ଦେବା, ଆମ ଓଡିଶା- ନବୀନ ଓଡିଶାରେ ଆସୁଥିବା ଅର୍ଥ ଗ୍ରାମସଭାରେ ପାରିତ ହୋଇ ପଂଚାୟତକୁ ତଦରଖ ଦାୟିତ୍ୱ ଦେବା, ପିଡିଏସ୍‌ରେ ପୂର୍ବଭଳି ସରପଂଚ ଓ ପିଇଓଙ୍କ ଯୁଗ୍ମ ପାସ୍‌ବୁକ୍‌ରେ ଅର୍ଥ ନେଣଦେଣ କରିବା ଇତ୍ୟାଦି ଦାବି କରାଯାଇଛି । ବୁଧବାର ଅପରାହ୍ନରେ ଖୁସି ପ୍ଲାଜାଠାରେ ଅନୁଷ୍ଠିତ ବୈଠକରେ ସଂଘର ପ୍ରଭାରୀ ବିଷ୍ଣୁପଦ ପାତ୍ର ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଂଚ ଅଜୟ ମହାନ୍ତି, ଆଲୋକ ଗିରି, ଶମ୍ଭୁନାଥ ଜେନା, ଅରୁଣ ସେନାପତି, ପଦ୍ମଲୋଚନ ବେହେରା, ରଂଜନ ମହାନ୍ତି, ପଦ୍ମାବତୀ ବେହେରା, ମିନତୀ କର,ତପନୀ ଭୂୟାଁ, ସୁବିନିତା ଦତ୍ତ, ସସ୍ମିତା ବାରିକ, ଚନ୍ଦ୍ରକାନ୍ତ ମଲ୍ଲିକ, ସୁଶାନ୍ତ ପ୍ରଧାନ, ବେଣୁଧର ଜେନା, ମମତାରାଣୀ ପରିଡା, ଚଂଚଳା ସେଠୀ, ଲୋପାମୁଦ୍ରା ରାଉଳ, ପ୍ରବୀର ଦାସ, ଦିଲ୍ଲିପ ପରିଡା, ଚନ୍ଦନ କର, ମଧୁସ୍ମିତା ବେହେରା, ଧ୍ରୁବଜ୍ୟୋତି ଗିରି, ରବିନ୍ଦ୍ର ଯେନା, ସାଗର ଜେନା, ଜ୍ୟୋତିର୍ମୟ ଆଚାର୍ଯ୍ୟ, ମଂଜୁବାଳା ପ୍ରଧାନ, ସନ୍ଦିପ ଘୋଷ, ଜୟକୃଷ୍ଣ ଅଣ୍ଡିଆ, ଜୟନ୍ତୀ ପରିଡା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ ।

# ବାଖରାବାଜ ଶିବମୁନି ଯୋଗାଶ୍ରମରେ ଜନ୍ମଜୟନ୍ତୀ ପାଳିତ



ରୂପସା , ୨୧/୦୯ (ନି.ପ୍ର): ବାଖରାବାଜ ଶିବମୁନି ଯୋଗାଶ୍ରମରେ, ଆଶ୍ରମର ଯୋଗଶିକ୍ଷକ ଆତ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ ମହୋଦୟ ଙ୍କ ସଭାପତିତ୍ୱରେ, ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀଙ୍କ ୭୫ ତମ ଶୁଭ ଜନ୍ମଜୟନ୍ତୀ ସହିତ ତାଙ୍କ ନାତୁଣୀ ଆୟୁଷ୍ମତୀ ମୁନିକୁମାରୀ ଦୀକ୍ଷା ପ୍ରିୟଦର୍ଶନୀଙ୍କର ୯ ମ ଶୁଭ ଜନ୍ମଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ ମୁନି ପରମାନନ୍ଦ ମଣ୍ଡଳ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ ମୁନି କାଳିଚରଣ ଜେନା ମହୋଦୟ । ଆବାହନୀ ସଙ୍ଗୀତ, ମୁନି ସଙ୍ଗୀତ ଏବଂ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ ମୁନିରାଜ ରାହାସବିହାରୀ ବାରିକ ମହୋଦୟ । ଉପସ୍ଥିତ ଥିଲେ ମୁନି ନିତ୍ୟାନନ୍ଦ ମଣ୍ଡଳ, ମୁନି ରାମେଶ୍ୱର ସିଂ, ମୁନିମତୀ ଗ୍‌ଉରୀମଣୀ ୍ବର, ମୁନିମତୀ ସୁକାନ୍ତି ବର, ମୁନିମତୀ ମଧୁସ୍ମିତା ବର, ମୁନିମତୀ କାନ୍ଦରୁ ସରେନ୍, ମୁନିମତୀ କାଞ୍ଚନମଣୀ ମଣ୍ଡଳ, ମୁନିମତୀ ବର୍ଷାରାଣୀ ସିଂ ପ୍ରମୁଖ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ, ଯୋଗୀ ପରମାନନ୍ଦ ମୁନି ଙ୍କର ୭୫ ତମ ଶୁଭ ଜନ୍ମଜୟନ୍ତୀ ରେ ଏବଂ ତାଙ୍କ ଆଦରର ନାତୁଣୀ ଆୟୁଷ୍ମତୀ ମୁନିକୁମାରୀ ଦୀକ୍ଷା ପ୍ରିୟଦର୍ଶନୀଙ୍କର ୯ ମ ଶୁଭ ଜନ୍ମଜୟନ୍ତୀ ରେ ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ମୁନିକୁମାରୀ ଦୀକ୍ଷା ପ୍ରିୟଦର୍ଶନୀଙ୍କୁ, ସମାଜରେ ଜଣେ ଆଦର୍ଶ ବିଦୁଷୀ, ଦୂରଦର୍ଶୀ ନାରୀ ହିସାବରେ ପ୍ରତିଷ୍ଠା ଲାଭ କରିବାର ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ସଭାପତି ଆତ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ ମହୋଦୟ ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ, ଜଣେ ପ୍ରତିଦିନ ମୁନି ସମାଜର ଯମ ନିୟମ ପାଳନ କରିବା ସହିତ ଯୋଗ ସାଧନ କରି ଚାଲିଲେ, ସେ ନିଶ୍ଚୟ ମାନସିକ ଶାରୀରିକ ପାରିବାରିକ ଆର୍ଥିକ ସୁଖ ଶାନ୍ତି ଆନନ୍ଦ ପାଇବା ସହିତ ଆତ୍ମ ଦର୍ଶନ କରିପାରିବ । ଶେଷରେ ଆଶ୍ରମର ଯୋଗଶିକ୍ଷକ ଆତ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ ମହୋଦୟ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ପଣ୍ଡିତ ଲାକ ବଦ୍ରାଙ୍କ ୧୦୪ ତମ ଜନ୍ମ ଜୟନ୍ତୀ ପାଳିତ



ବାରିପଦା, ୨୧/୦୯ (ନି.ପ୍ର): ଆଦିବାସୀ ହୋ ଭାଷାର ଲିପି ୱାରାଂଚିତି ର ଆବିଷ୍କାରକ ଗୁରୁ ଲାକୋ ବଦ୍ରାଙ୍କ ୧୦୪ତମ ଜନ୍ମ ଜୟନ୍ତୀ ପାଲବଣି ସ୍ଥିତ ତାଙ୍କର ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା.ଦେବାଶିଷ ମାର୍ଣ୍ଡି, ଉପାଧ୍ୟକ୍ଷ କମଳା ତିରିଆ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ୱାର୍ଡ କାଉନସିଲର ଦେବାଶିଷ ପାତ୍ର, ଛାତ୍ର ବିଜେଡ଼ି ଜିଲ୍ଲା ସଭାପତି ସୁନୀଲ କୁମାର ନାୟକ, ଯୁବ ବିଜେଡ଼ିର ଜିଲ୍ଲା ସଭାପତି ଅରୁଣ ବରାଡ଼ଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପ୍ରତିମୂର୍ତ୍ତୀ ରେ ମାଲ୍ୟାର୍ପଣ କରିବା ସହିତ ସ୍ମୃତି ଚାରଣ କରିଥିଲେ।

# ସମ୍ବାଦ ପରିବେଷଣ ପରର ଦୃଶ୍ୟ: ଭିନ୍ନକ୍ଷମ ଛାତ୍ର ମନମୋହନଙ୍କୁ ସାକ୍ଷାତ କଲେ ଶିକ୍ଷା ବିଭାଗର ଅଧିକାରୀ

ଉଦଳା , ୨୧/୦୯ (ନି.ପ୍ର): ଉଦଳା ବ୍ଲକର ବଡ଼ସିଙ୍ଗାରିଆ ପଂଚାୟତ ଅନ୍ତର୍ଗତ ଅଦାପାଳ ଗ୍ରାମର ବାସିନ୍ଦା ୰ ବନମାଳି ଟୁଡୁଙ୍କ ଭିନ୍ନକ୍ଷମ ପୁତ୍ର ମନମୋହନ କିପରି ପାଠ ପଢ଼ାରେ ଡ଼ୋରିବାନ୍ଧି ଦେଇଛନ୍ତି ଓ ସେଥିପାଇଁ ତାଙ୍କର ପରିସ୍ଥିତି କିପରି ତାଙ୍କୁ ବାଧ କରିଛି ସେ ସମ୍ପର୍କରେ ଖବରକାଗଜରେ ସମ୍ବାଦ ପରିବେଷିତ ହେବା ପରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ତତ୍ପରତା ପ୍ରକାଶ ପାଇଥିଲା । ଶିକ୍ଷା ବିଭାଗର ଦୁଇ ଅଧିକାରୀ କମଳାକାନ୍ତ ସର ଓ ଶାନ୍ତନୁ କୁମାର ଦାଶ ଘଟଣାସ୍ଥଳକୁ ପରିଦର୍ଶନରେ ଆସିଥିଲେ । ଗ୍ରାମବାସୀ ଓ ପରିବାର ଲୋକଙ୍କ ଠାରୁ ସବୁକଥା ବୁଝାବୁଝି କରି ସାରି ମନମୋହନର ନାମ ଭୁବନେଶ୍ୱରସ୍ଥିତ (କିସ୍)ରେ ଥିବାରୁ ସେଠାରୁ ତାର ଟି.ସି. ଆଣିଲେ ଏଠାରେ ତାର ନାମ ଲେଖାଇଦେବେ ବୋଲି ପ୍ରତିଶୃତି ଦେଇଛନ୍ତି । ସେହିପରି ବିଦ୍ୟାଳୟକୁ ଯାତାୟତ ପାଇଁ ଏକ ବ୍ୟାଟେରି ଚାଳିତ ରିକ୍ସା ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷ ଶିକ୍ଷା ବିଭାଗ ତରଫରୁ କରାଯିବ ବୋଲି ଜଣାଇଛନ୍ତି । ଶିକ୍ଷା ବିଭାଗ ଏଭଳି ତତ୍ପରତା ପାଇଁ ସ୍ୱେଚ୍ଛାସେବୀ ରୁପାଏ ବାସ୍କେଙ୍କ ସମେତ ଗ୍ରାମବାସୀ ଓ ପରିବାରର ଲୋକେ କୃତଜ୍ଞତା ଜଣାଇଛନ୍ତି ।



# ବରହମପୁର ଏବଂ ନୀଳଗିରି ଉପଖଣ୍ଡ ହସ୍ପିଟାଲ ପରିଦର୍ଶନ କଲେ ରାଜ୍ୟ ନିରାମୟ ଉପଦେଷ୍ଟା

ନୀଳଗିରି , ୨୧/୦୯ (ନି.ପ୍ର): ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ଶ୍ରୀଯୁକ୍ତ ରଞ୍ଜନ ବିଶ୍ୱାଳ ଗୁରୁବାର ବାଲେଶ୍ୱର ଜିଲ୍ଲା ବରହମପୁର ଏବଂ ନୀଳଗିରି ଉପଖଣ୍ଡ ସରକାରୀ ହସ୍ପିଟାଲ ପରିଦର୍ଶନ କରି ରୋଗୀ ଓ ସମ୍ପର୍କୀୟ ଠାରୁ ନିରାମୟ କେନ୍ଦ୍ରରେ ମିଳୁଥିବା ସୁବିଧା ଓ ଅସୁବିଧା ସଂକ୍ରାନ୍ତରେ ପଚାରି ବୁଝିଛନ୍ତି । ଚିକିତ୍ସିତ ହେଉଥିବା ରୋଗୀଙ୍କ ନିକଟକୁ ଯାଇ ମାଗଣାରେ ଔଷଧ ମିଳୁଛିକି ନାହିଁ ପଚାରି ବୁଝିଥିଲେ ।ଏହା ପରେ ଉପସ୍ଥିତ ହସ୍ପିଟାଲ ଅଧକ୍ଷ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ସାକ୍ଷାତ କରି ଆଲୋଚନା କରିଥିଲେ। ନିରାମୟ କେନ୍ଦ୍ରକୁ ପ୍ରତିଦିନ ଆସୁଥିବା ରୋଗୀଙ୍କୁ କିପରି ଅଧିକ ସହଜ ଏବଂ ସୁବିଧା ଯୋଗାଇ ଦିଆଯିବ ଏହି ବିଷୟରେ ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିରାମୟ କେନ୍ଦ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ବହୁ ଗୁରୁତ୍ୱପୂର୍ଣ୍ଣ ଔଷଧ ମିଳୁଥିବାରୁ ଉପସ୍ଥିତ ରୋଗୀଙ୍କ ସମ୍ପର୍କୀୟ ଜାଣିବା ପରେ ଓଡିଶା ସରକାର ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି। ଏହି ପରିଦର୍ଶନ ଅବସରରେ ସ୍ଥାନୀୟ ଜନପ୍ରତିନିଧି ମାନେ ଉପସ୍ଥିତ ଥିଲେ।



# ରାସ୍ତା ମରାମତି ଲାଗି ନିର୍ବାହୀ ଯନ୍ତ୍ରୀଙ୍କୁ ନଗରପାଳଙ୍କ ଚିଠି

ଜଳେଶ୍ୱର ୨୧/୯(ନିପ୍ର): ଜଳେଶ୍ୱର ପୂର୍ତ୍ତ ବିଭାଗ ଅଧିନରେ ଥିବା ହିରୋ ସୋ ରୁମ୍ ଠାରୁ ନୂଆବଜାର ପର୍ଯ୍ୟନ୍ତ ରାସ୍ତାର ମରାମତି ଲାଗି ନଗରପାଳ ପୂର୍ତ୍ତବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି । ମୁଖ୍ୟ ରାସ୍ତାରେ ବିଭିନ୍ନ ସ୍ଥାନରେ ଛୋଟବଡ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଏବଂ ପାର୍ବଣ ସମୟରେ ସହରରେ ଅଧିକ ଗହଳି ହେବାର ଆଶଙ୍କା କରି ଏହି ମରାମତି ଅତିଆବଶ୍ୟକ ବୋଲି ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ସବ୍‌ରେଜେଷ୍ଟ୍ରି ଅଫିସ୍ ଠାରୁ ନୂଆବଜାର ପର୍ଯ୍ୟନ୍ତ ଅଭର ବ୍ରିଡ୍ କାର୍ଯ୍ୟ ଚାଲୁଥିବାରୁ ଏହାର ଡାଇଭର୍ସନ ରୋଡର ମରାମତି କରିବା ଏବଂ ହିରୋ ସୋ ରୁମ୍ ଠାରୁ ସବ୍‌ରେଜେଷ୍ଟ୍ରି ଅଫିସ୍ ପର୍ଯ୍ୟନ୍ତ ରାସ୍ତାର ରକ୍ଷଣାବେକ୍ଷଣ ଅତିଶୀଘ୍ର କରିବାକୁ ସେ ଅନୁରୋଧ କରିଛନ୍ତି । ଏହା ସହିତ ସେ ବିଭାଗୀୟ ସମସ୍ତ କର୍ମକର୍ତ୍ତାଙ୍କୁ ମଧ୍ୟ ଅବଗତ କରିଥିବା ଜଣାଯାଇଛି ।

# ୟଙ୍ଗ୍ ଷ୍ଟାର୍ କ୍ଲବ୍ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ବସ୍ତା, ୨୧/୦୯ (ନି.ପ୍ର): ବସ୍ତା ବ୍ଲକ୍ ମଥାନି ପଞ୍ଚାୟତ ଅନ୍ତର୍ଗତ ବଡଖୁଡୀ ଗ୍ରାମର ୟଙ୍ଗ୍ ଷ୍ଟାର୍ କ୍ଲବ୍ ପକ୍ଷରୁ ବୃକ୍ଷ ରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଚି । ଏହି ମହାନ କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ତଥା ସମାଜସେବୀ ସୁମନ୍ତ କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ପିଙ୍ଗାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ବିଜୟଜୀ, ସମାନିତ ଅତିଥିଭାବେ ଲାୟନସ ବିଜୟ କୁମାର ପରିଡା, ସମାଜସେବୀ ଅନ୍ତର୍ଯ୍ୟାମୀ ମହାପାତ୍ର, ବସ୍ତା ଇଉନିୟନ ବ୍ୟାଙ୍କ ମ୍ୟାନେଜର ଶଶିକାନ୍ତ ଶିଅଳ ଯୋଗଦାନ କରିଥିଲେ । କ୍ଲବର ସଭାପତି ବିଶ୍ୱନାଥ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅଭିରାମ ଆଇଚ, ପ୍ରମୋଦ ପରିଡା, ଜୀବନ ନାୟକ, ଭାଗବାନ ବେହେରା, ଜଗବନ୍ଧୁ ଆଇଚ,ମାନସ ବେହେରା ତଥା ଗ୍ରାମବାସୀ ରାଜୀବ ମହାପାତ୍ର, ସଂଜୟ ବେହେରା ଗଙ୍ଗାଧର ନାୟକ,ଶଙ୍କର୍ଷଣ ବେହେରା, ହରିଶ୍ଚନ୍ଦ୍ର ବେହେରା ପ୍ରମୁଖ ବଡ଼ଖୁଡୀ ଧପାକନ୍ଦ ରାସ୍ତା ପାର୍ଶ୍ୱରେ ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ ରେ ସହଯୋଗ କରିଥିଲେ । କ୍ଲବର ସମ୍ପାଦକ ଶ୍ରୀ ରାଜୀବ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ମେରୀ ମାଟି ମେରା ଦେଶ ଅଭିଯାନ

# ଖୋର୍ଦ୍ଧା, ବାଲେଶ୍ୱର ଓ ଜଗତସିଂହପୁରରେ ଅମୃତ କଳସ ଯାତ୍ରା ଅନୁଷ୍ଠିତ

ଭୁବନେଶ୍ୱର, ୨୧/୦୯ (ନି.ପ୍ର): ଦେଶବାସୀଙ୍କ ମନରେ ଦେଶପ୍ରେମର ଭାବନା ଜାଗ୍ରତ କରିବା ଏବଂ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ବୀରମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମେରୀ ମାଟି ମେରା ଦେଶ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ସଫଳତାପୂର୍ବକ ଗତ ଅଗଷ୍ଟ ୧୫ ତାରିଖରେ ଶେଷ ହେବା ପରେ ଏବେ ଦ୍ୱିତୀୟ ପର୍ଯ୍ୟାୟ ପ୍ରବଳ ଉତ୍ସାହ ଓ ଉଦ୍ଦୀପନାର ସହ ଦେଶବ୍ୟାପୀ ଜାରି ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ବୀରମାନଙ୍କୁ ପ୍ରଣାମ ସହ ସେମାନଙ୍କ ଜନ୍ମସ୍ଥାନରୁ କଳସରେ ମାଟି ସଂଗ୍ରହ କରାଯାଇ ଅମୃତ କଳସ ଯାତ୍ରାମାନ ଆୟୋଜନ କରାଯାଉଛି। ଗୁରୁବାର ଖୋର୍ଦ୍ଧା ଜିଲ୍ଲା ତରତୁଆ ଗ୍ରାମରେ ଆଇଟିବିପି ୪୧ ବାଟାଲିୟନ ଓ ନେହରୁ ଯୁବ କେନ୍ଦ୍ର ସଂଗଠନ ପକ୍ଷରୁ ବୀରଙ୍କୁ ସମ୍ମାନ ଓ ଅମୃତ କଳସରେ ମାଟି ସଂଗ୍ରହ ସହିତ ଅମୃତ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବହୁସଂଖ୍ୟାରେ ନେହରୁ ଯୁବ କେନ୍ଦ୍ର ସ୍ୱେଚ୍ଛାସେବୀ ଓ ଆଇ ଟି ବି ପି ଯବାନ ଭାଗ ନେଇଥିଲେ । ଅନୁରୂପ ଭାବେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକରେ ମେରୀ ମାଟି ମେରା ଦେଶ କାର୍ଯ୍ୟକ୍ରମ ଅନ୍ତର୍ଗତ ଅମୃତ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଅନ୍ତର୍ଗତ ବୀରଙ୍କ ଜନ୍ମମାଟିରୁ ଅମୃତ କଳସରେ ମାଟି ସଂଗ୍ରହ କରାଯାଇଛି । ଅନ୍ୟପଟେ ବାଲେଶ୍ୱର ଜିଲ୍ଲା ସୋର ବ୍ଲକର ବିଭିନ୍ନ ଗ୍ରାମରେ ଜନସାଧାରଣ ଦେଶପ୍ରେମର ଭାବନା ନେଇ ଅମୃତ କଳସ ଯାତ୍ରାରେ ସାମିଲ ହୋଇଛନ୍ତି । ମେରୀ ମାଟି ମେରା ଦେଶ ଅଭିଯାନ ଅଧୀନରେ ସୋର ବ୍ଲକର ବିଭିନ୍ନ ଗ୍ରାମରୁ ଅମୃତ କଳସରେ ମୃତ୍ତିକା ଏବଂ ଶସ୍ୟ ସଂଗ୍ରହ କରାଯାଇଛି । ଏଥିରେ ସମାଜର ବିଭିନ୍ନ ବର୍ଗର ଲୋକମାନେ ଭାଗ ନେଇଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ଯେ, ସର୍ବଭାରତୀୟ ପ୍ରସାର କାର୍ଯ୍ୟକ୍ରମ ଆକାରରେ ଦେଶର ପ୍ରତ୍ୟେକ ଘରେ ଏହି ଅଭିଯାନକୁ ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖାଯାଇଛି । ଭାରତର ଗ୍ରାମୀଣ କ୍ଷେତ୍ରରେ ୬ ଲକ୍ଷରୁ ଅଧିକ ଗାଁ ଏବଂ ଅନ୍ୟ ସହରାଞ୍ଚଳରୁ ମାଟି ଓ ଚାଉଳ ଏକାଠି କରାଯାଉଛି। ଗ୍ରାମୀଣ କ୍ଷେତ୍ରରେ ଏହାକୁ ବ୍ଲକ୍ ସ୍ତରରେ ଏକାଠି କରାଯାଉଛି ଏବଂ ରାଜ୍ୟ ରାଜଧାନୀ ଦେଇ ଦିଲ୍ଲୀକୁ ଆଣିବା ପାଇଁ ପ୍ରସ୍ତୁତି କରାଯାଉଛି । ଅକ୍ଟୋବର ଶେଷ ସୁଦ୍ଧା ଅନ୍ତିମ କାର୍ଯ୍ୟକ୍ରମ ପାଇଁ ୮୫୦୦ରୁ ଅଧିକ କଳସ ଦିଲ୍ଲୀରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଭାରତର କୋଣଅନୁକୋଣରୁ ଏକତ୍ରିତ କରାଯାଇଥିବା ମାଟିକୁ ଅମୃତ ବାଟିକା ଏବଂ ଅମୃତ ସ୍ମାରକରେ ରଖାଯିବ ଯାହାକି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରାଯିବାର ଐତିହ୍ୟ ବହନ କରିବ ।



❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo